# ୨୯ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ

## ଯାଜପୁର ଜିଲା ପ୍ରଶାସନ 'ଦାନା' ମୁକାବିଲା ପାଇଁ ତତ୍ପର

ଯାଜପୁର,୨୩।୧୦(ହର୍ଷବର୍ଦ୍ଧନ ବେହେରା) :

ଜିଲାରେ ୨୬ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଓ ୩ ଟି ନୂଆ ବାତ୍ୟା ଆଶ୍ରୟସ୍ଥଳରେ ଦାନା ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏତଦ୍‌ବ୍ୟତୀତ ୩୪୬ ଟି ବିଦ୍ୟାଳୟକୁ ବାତ୍ୟା ଆଶ୍ରୟସ୍ଥଳୀ ଭାବେ ଚିହ୍ନଟ କରାଯାଇଛି। ପ୍ରତ୍ୟେକ ଆଶ୍ରୟସ୍ଥଳୀରେ ନୋଡ଼ାଲ ଅଧିକାରୀମାନେ ନିଯୁକ୍ତି ହୋଇଛନ୍ତି। ଗର୍ଭବତୀ ଓ ଶିଶୁମାନଙ୍କୁ ସିଡିପିଓ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ନିରାପଦ ଭାବେ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାନାନ୍ତରିତ କରାଯିବ। ପୂର୍ବ–ମଧ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଉପରେ ବୁଧବାର ଓସ୍ୱାନ ଭିସି କକ୍ଷରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହିସବୁ ନିଷ୍ପତ୍ତି ହୋଇଛି। ଯାଜପୁର ଜିଲାରେ ୨୪ ଓ ୨୫ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ୧୧୦ ରୁ ୧୨୦ କି.ମି. ବେଗରେ ପବନ ବୋହିବାର ସମ୍ଭାବନା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା


ବାତ୍ୟା ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ ।

ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାପାଳ ରେଡ୍ଡୀ ବିଭିନ୍ନ ବ୍ଲକରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସ୍ଥାନାନ୍ତରିତ ହେବାକୁ ଥିବା ଲୋକଙ୍କ ପାଇଁ ମୌଳିକ ସୁବିଧା ସୁଯୋଗ ଯଥା ପାନୀୟ ଜଳ, ଶୌଚାଳୟ, କଟର, ଆସ୍କା ଲାଇଟ, ଜେନେରେଟର ସେଟ, ଶୁଖିଲା ଖାଦ୍ୟ, ଚୁଡ଼ା, ଗୁଡ଼, ବିସ୍କୁଟ, ଶିଶୁ ଖାଦ୍ୟ ବ୍ୟବସ୍ଥାର ଅନୁଧାନ କରିଛନ୍ତି। ବୁଧବାର ଅପରାହ୍ନ ସୁଦ୍ଧା ବିଞ୍ଝାରପୁର, ଦଶରଥପୁର, ବରୀ, ବଡ଼ଚଣା(ପୂର୍ବ ପଟ) ର ଲୋକମାନଙ୍କୁ ସ୍ଥାନାନ୍ତରିତ କରି ଆଶ୍ରୟସ୍ଥଳୀକୁ ଆଣିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବାକି ବ୍ଲକରେ ଗୁରୁବାର ସକାଳ ସୁଦ୍ଧା ସ୍ଥାନାନ୍ତର କରାଯିବ। କଚା ଘର, ଟିଣ ଘର, ଆଜବେଷ୍ଟସ ଘର ଓ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରାଯିବ। ସେହିପରି ନିରାଶ୍ରୟ, ବାସଶୂନ୍ୟ, ରୋଗିଣା, ବୃଦ୍ଧାବୃଦ୍ଧମାନଙ୍କୁ ସୁରକ୍ଷିତ ସ୍ଥାନକୁ ଅଣାଯିବା ସହ ସେମାନଙ୍କ ପାଇଁ ଶୁଖିଲା ଖାଦ୍ୟ ଚୁଡ଼ା,ଗୁଡ଼,ବିସ୍କୁଟ, ଶିଶୁ ଖାଦ୍ୟ ଯୋଗାଇଦେବା ସହ ରନ୍ଧା ଖାଦ୍ୟ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ୬୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯିବକୁ ଧାର୍ଯ୍ୟ ହୋଇଛି। ପ୍ରତ୍ୟେକ ଆଶ୍ରୟସ୍ଥଳରେ ୱାଟର ଟ୍ୟାଙ୍କ ମାଧ୍ୟମରେ ଜଳ ଯୋଗାଇ ଦିଆଯିବ। ପାଇପ୍ ଓ ୱାଟର ସପ୍ଲାଏ ଓଭର୍ ହେଡ ଟାଙ୍କି ଜଳ ଭର୍ତ୍ତି ହେବା ସହିତ ଆଶ୍ରୟ ସ୍ଥଳୀରେ ପୁରୁଷ ଓ ମହିଳାମାନଙ୍କ ପାଇଁ ପୃଥକ ରୁମ ବ୍ୟବସ୍ଥା , ଆଲୋକ ବ୍ୟବସ୍ଥା, ରନ୍ଧା ଖାଦ୍ୟ ନିମନ୍ତେ ରାଶନ ସାମଗ୍ରୀ, ଗୋରୁ ଗାଈଙ୍କ ପାଇଁ ପଶୁ ଖାଦ୍ୟ, ଜରୁରୀ ମେଡିକାଲ କିଟ୍, ଓଆରଏସ, ବ୍ଲିଚିଂ ପାଉଡର, ଫିନାଇଲ, ମହମବତୀ ଓ ଦିଆସିଲ ମହଜୁଦ ରଖିବା ସହିତ ହାଜିରା ଖାତାରେ ଉପସ୍ଥାନ ରଖା ଯିବ । ବାତ୍ୟା ପରେ ରାସ୍ତା ସଫା କରିବା ପାଇଁ ଟ୍ରାକ୍ଟର, ଜେସିବି ବ୍ୟବସ୍ଥା କରାଯିବ। ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ପୋଲିସ ପାଟ୍ରୋଲିଂ ଜାରି ରହିବ । ପ୍ରଶାସନ ପକ୍ଷରୁ ବରିଷ୍ଠ ଅଧିକାରୀମାନଙ୍କୁ ବାତ୍ୟା ପୂର୍ବ ପ୍ରସ୍ତୁତି, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରିବା ପାଇଁ ନିୟୋଜିତ କରାଯାଇଛି ।

ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆଙ୍କୁ ଧର୍ମଶାଳା, ରସୁଲପୁର ଏବଂ ବରୀ ବ୍ଲକ, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନାଙ୍କୁ ବିଞ୍ଝାରପୁର ଓ ବଡ଼ଚଣା ବ୍ଲକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ସୁକିନ୍ଦା, ଦାନଗଦି ଓ କୋରେଇ ବ୍ଲକ ଏବଂ ଉପ ଜିଲାପାଳ ଅଂଶୁମାନ ଶତପଥୀଙ୍କୁ ଯାଜପୁର ଓ ଦଶରଥପୁର ବ୍ଲକ ଦାୟିତ୍ୱ ପ୍ରଦାନ କରାଯାଇଛି। ମଙ୍ଗଳବାର ୩ ଟି ଟିମରେ ୩୫ ଜଣ ଏନ୍‌ଡିଆର୍‌ଏଫ୍ ଓ ୩୪ ଜଣ ଓଡ୍ରାଫ ଟିମ୍ ଜିଲା ହେଡକ୍ୱାର୍ଟରରେ ଆସି ପହଞ୍ଚିଛନ୍ତି। ୩ଟି ଓଡ୍ରାଫ ଟିମକୁ ବିଞ୍ଝାରପୁର, ଦଶରଥପୁର ଓ ବରୀ ବ୍ଲକକୁ ପଠାଯାଇଛି। ସମସ୍ତ ଜିଲାବାସୀଙ୍କୁ ଭୟଭୀତ କିମ୍ବା ଗୁଜବର ଶିକାର ନ ହୋଇ ସତ୍ୟା ସତ୍ୟ ଅନୁସନ୍ଧାନ ସହ ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲାପାଳ ସୂଚନା ଦେଇଛନ୍ତି।

## ଅଧିକାଂଶ ସ୍ଥାନରେ ଖୋଲିନି ଅସ୍ଥାୟୀ ଆଶ୍ରୟସ୍ଥଳ

### ରସୁଲପୁରରେ ବାତ୍ୟା ମୁକାବିଲା ପ୍ରସ୍ତୁତି


ରସୁଲପୁର ବ୍ଲକରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଅଧିକାରୀ ।

ରସୁଲପୁର,୨୩।୧୦(ରଂଜିତ ରାଉତ):

ବାତ୍ୟା 'ଦାନା' ମୁକାବିଲା ପାଇଁ ରସୁଲପୁର ବ୍ଲକ ଅଞ୍ଚଳର ୨୮ ପଞ୍ଚାୟତ ଜନପ୍ରତିନିଧିଙ୍କୁ ନେଇ ଭାରପ୍ରାପ୍ତ ବିଡିଓ ନିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ପ୍ରଶାସନ ପକ୍ଷରୁ ବାତ୍ୟା ମୁକାବିଲା ପାଇଁ କରାଯାଇଥିବା ରୋଡମ୍ୟାପ୍ ସମ୍ପର୍କରେ ସୂଚନା ଦିଆଯାଇଛି। ୨୩ତାରିଖ ସନ୍ଧ୍ୟାରୁ ତଳିଆ ଅଞ୍ଚଳ ଓ ବିପଦସଂକୁଳ ଘରେ ରହୁଥିବା ପରିବାରଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ହେଲେ ବୁଧବାର ସନ୍ଧ୍ୟା ସୁଧା ବ୍ଲକ ଅଞ୍ଚଳର ଅଧିକାଂଶ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ(ବିଦ୍ୟାଳୟ ଫାଟକ)ରୁ ତାଲା ଫିଟିନାହିଁ। ବ୍ଲକ ଅଞ୍ଚଳରେ ସ୍ଥିରୀକୃତ ୫୭ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ଭାବରେ ବିଦ୍ୟାଳୟଗୁଡ଼ିକୁ ଚୟନ କରାଯାଇଛି। ଉକ୍ତ କେନ୍ଦ୍ରଗୁଡ଼ିକ ପରିଚାଳନା କରିବା ଓ ଅସୁରକ୍ଷିତ ସ୍ଥାନରେ ରହୁଥିବା ଲୋକଙ୍କୁ ସେ ସବୁ ସ୍ଥାନକୁ ସ୍ଥାନାନ୍ତର ପାଇଁ ପ୍ରଧାନଶିକ୍ଷୟିତ୍ରୀ, ସିଆରସିସି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଓ ଓ ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଗର୍ଭବତୀ, ବୟସ୍କବ୍ୟକ୍ତି, ଛୋଟପିଲା(ଶାରିରୀକ ଅସୁସ୍ଥ ବ୍ୟକ୍ତି)ଙ୍କୁ ଚିହ୍ନଟ କରି ସେମାନଙ୍କୁ ସ୍ୱାସ୍ଥ୍ୟ ସହାୟତା ଯୋଗାଇ ଦେବାକୁ ନିଶ୍ଚିତ କରାଇବେ। ପଞ୍ଚାୟତରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଓଆରଏସ, ହାଲୋଜିନ ବଟିକା, ଝାଡ଼ା, ବାନ୍ତି, ଜ୍ୱର ଔଷଧ ମହଜୁଦ୍ ରଖିବାକୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷରେ ଅସ୍ଥାୟୀ କେନ୍ଦ୍ରରେ ପାନୀୟ ଜଳ, ଶୌଚାଳୟ, ଆଲୋକ ବ୍ୟବସ୍ଥାକୁ ସୁବ୍ୟସ୍ଥିତ କରାଯାଇ ପାରିନାହିଁ। ପଞ୍ଚାୟତରେ ଚିହ୍ନଟ ହୋଇଥିବା ଅସୁରକ୍ଷିତ ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର କରାଗଲେ ସେମାନଙ୍କ ପାଇଁ ରନ୍ଧାଖାଦ୍ୟ ଦିଆଯିବା ବନ୍ଦୋବସ୍ତ କରାଯିବାକୁ କୁହାଯାଇଛି। କିନ୍ତୁ ସେ ଦିଗରେ ବ୍ଲକ ପ୍ରଶାସନ ପ୍ରସ୍ତୁତ ନଥିବା ଭଳି ମନେ ହେଉଛି। ଏ ସମ୍ପର୍କରେ ଭାରପ୍ରାପ୍ତ ବିଡିଓ ସାହୁଙ୍କୁ ପଚାରିବାରୁ ସ୍ଥାନାନ୍ତର କାର୍ଯ୍ୟ ଗୁରୁବାର ସକାଳୁ କରାଯିବ ବୋଲି କହିଛନ୍ତି। ତଥାପି ଆବଶ୍ୟକ ସ୍ଥଳେ କ'ଣ ପଦକ୍ଷେପ ନିଆଯାଇ ପାରିବ ସେ ଦିଗରେ ପଦକ୍ଷେପ ନେବାକୁ ସେ ସୂଚନା ଦେଇଛନ୍ତି।

### ଡାକବାଜି ଯନ୍ତ୍ର ସାହାଯ୍ୟରେ ସତର୍କ ସୂଚନା




ବାତ୍ୟା 'ଦାନା' ପାଇଁ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଡାକବାଜୀ ଯନ୍ତ୍ର ସହାୟତାରେ ବିଭିନ୍ନ ପଞ୍ଚାୟତରେ ଲୋକଙ୍କୁ ସତର୍କ କରାଇଯାଉଛି। ଅସୁରକ୍ଷିତ ସ୍ଥାନରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ କୁହାଯାଉଛି। ଧନଜୀବନ ସୁରକ୍ଷିତ ରଖିବା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇ ଗୃହପାଳିତ ପ୍ରାଣୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ବାତ୍ୟା ଆଶ୍ରୟ ସ୍ଥଳ ଓ ଅସୁରକ୍ଷିତ ଆଶ୍ରୟ ସ୍ଥଳକୁ ଚାଲି ଯିବା ପାଇଁ ସତର୍କ କରାଇ ଦିଆଯାଉଛି। ପ୍ରଶାସନ ପକ୍ଷରୁ ସତର୍କ କରାଯାଉଛି, ବାତ୍ୟା ମୁକାବିଲା ପାଇଁ ପ୍ରଶାସନିକସ୍ତରରେ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବାରେ ବିଳମ୍ବ ହେଉଥିବା ଲକ୍ଷ୍ୟ କରାଯାଉଛି।

### ଡରାଇଲାଣି ବିଜୁଳି ଆଲୁଅ

ରସୁଲପୁର ବ୍ଲକ ଅଞ୍ଚଳରେ ବୁଧବାର ଘନଘନ ବିଜୁଳି କାଟ୍ ହୋଇଛି। ବାତ୍ୟା ସମୟରେ ନିରବଚ୍ଛିନ୍ନ ବିଜୁଳି ସେବା ଉପଲବ୍ଧ ହୋଇ ନ ପାରିବା ଏକପ୍ରକାର ଥୟ ବୋଲି ମନେ ହେଉଛି। ବାତ୍ୟା ଆସିବା ପୂର୍ବରୁ ବିଜୁଳି କାଟ ଜନସାଧାରଣଙ୍କ ମନରେ ଭୟ ସୃଷ୍ଟି କରୁଛି। ବାତ୍ୟା ଆସିବା ପୂର୍ବରୁ କାହିଁକି ବିଜୁଳି କାଟ୍ ହେଉଛି ତାହା ବିଭାଗର କର୍ମଚାରୀଙ୍କୁ ପଚାରିବାରୁ ମରାମତି କରାଯାଉଛି ବୋଲି କହୁଛନ୍ତି। ଆକାଶ ମେଘାଚ୍ଛନ୍ନ ରହିବା ସହ ସୁଲୁସୁଲିଆ ପବନ ବହିଲାଣି, ଅପରାହ୍ନରୁ ଆକାଶ ମେଘାଚ୍ଛନ୍ନ ହୋଇପଡିବା ସହ ଝିପ୍ ଝିପ୍ ବର୍ଷା ଆରମ୍ଭ ହୋଇଛି। ଠିକ୍ ଏତିକି ବେଳେ ବିଜୁଳି କାଟ୍ କରାଯାଉଥିବାରୁ ଲୋକେ ଭୟଭୀତ ହୋଇଯାଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ପଞ୍ଚାୟତରେ ପହଞ୍ଚିନି ଶୁଖିଲା ଖାଦ୍ୟ

ବାତ୍ୟା ଆଶ୍ରୟସ୍ଥଳକୁ ଆସୁଥିବା ଲୋକଙ୍କୁ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ ପ୍ରଦାନ କରାଯିବ ବୋଲି କୁହାଯାଉଛି। ୨୩ ତାରିଖ ସନ୍ଧ୍ୟାରୁ ଅସୁରକ୍ଷିତ ଲୋକଙ୍କୁ ଆଶ୍ରୟସ୍ଥଳରେ ଥଇଥାନ କରାଗଲେ ଗୁରୁବାର ସକାଳୁ ସେମାନଙ୍କୁ ଚୁଡା, ଗୁଡ ଓ ବିସ୍କୁଟ ଆଦି ପ୍ରଦାନ କରାଯିବା ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରଶାସନ ପକ୍ଷରୁ କୌଣସି ପଞ୍ଚାୟତ ହେଡକ୍ୱାର୍ଟରରେ ଶୁଖିଲା ଖାଦ୍ୟ ପହଞ୍ଚାଯାଇନାହିଁ। ମଧ୍ୟାହ୍ନରେ ରନ୍ଧାଖାଦ୍ୟ ଯୋଗାଇବା ପାଇଁ ବିଦ୍ୟାଳୟରେ ମହଜୁଦ୍ ଥିବା ମଧ୍ୟାହ୍ନଭୋଜନ ଚାଉଳକୁ ବ୍ୟବହାର କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଡାଲମା ପାଇଁ ପନିପରିବା, ଡାଲି, ଗ୍ୟାସ୍ ଓ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରିବା ପାଇଁ ଅର୍ଥର ବନ୍ଦୋବସ୍ତ କରାଯାଇନାହିଁ। ଏସବୁ ପାଇଁ ପଞ୍ଚାୟତ ଜମାଖାତାରେ ଥିବା ଅର୍ଥରୁ ଖର୍ଚ୍ଚ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏଯାଏ ନିର୍ବାହୀ ଅଧିକାରୀମାନେ ଜମାଖାତାରୁ ଅର୍ଥ ଉଠାଣ କରି ନ ଥିବା ଜଣାଯାଇଛି। ଏଭଳି ଅବ୍ୟବସ୍ଥାରେ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳରେ ରନ୍ଧାଖାଦ୍ୟ ବ୍ୟବସ୍ଥାକୁ କିଭଳି ପରିଚାଳନା କରାଯିବ ସେ ନେଇ ସରପଞ୍ଚମାନେ ଚିନ୍ତା ପ୍ରକଟ କରିଛନ୍ତି।

## ବିଞ୍ଝାରପୁରରେ ପ୍ରସ୍ତୁତି ପରଖିଲେ ଜିଲାପାଳ

ବିଞ୍ଝାରପୁର,୨୩।୧୦(ରାମକୃଷ୍ଣ ଦାସ):

ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ପାଇଁ ବିଞ୍ଝାରପୁର ବ୍ଲକ ପ୍ରଶାସନ କି ପ୍ରକାର ପ୍ରସ୍ତୁତି କରିଛି ତାହା ପରଖିଛନ୍ତି ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ। ଜିଲାପାଳ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସାମ୍ଭାବ୍ୟ ବାତ୍ୟା ଦ୍ୱାରା ଅଧିକ ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ଲୋକଙ୍କୁ ସୁରକ୍ଷିତ ଭାବରେ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ଓ ସେମାନଙ୍କୁ କିପରି ସମସ୍ତ ସୁବିଧା ଯୋଗାଇ ଦିଆଯାଇପାରିବ ସେ ଦିଗରେ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବାତ୍ୟା ଆଶ୍ରୟସ୍ଥଳରେ ଆଲୋକ ବ୍ୟବସ୍ଥା, ଶୁଖିଲା ଖାଦ୍ୟ, ପାନୀୟ ଜଳ ଯୋଗାଇଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେବା ସହ ସ୍ଥାନୀୟ ସରପଞ୍ଚମାନଙ୍କୁ ଏଥିରେ ସହଯୋଗ କରିବାକୁ କହିଛନ୍ତି। ଯେପରି କୌଣସି ଧନଜୀବନ ହାନି ନ ଘଟେ ସେଥିପ୍ରତି ସଜାଗ ରହିବାକୁ ଜିଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ଜିଲାପାଳ ବାତ୍ୟା ଯୋଗୁ ଅଧିକ ପ୍ରଭାବିତ ହେବାକୁ ଥିବା ତଳିଆ ଅଞ୍ଚଳ ଜରି, ବାଙ୍ଗରା, ହଳଦୀଡ଼ିହ ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳ ଓ ପ୍ରାଣୀଧନମାନଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟକୁ ଗସ୍ତକରି ସ୍ଥିତି ପରଖିଛନ୍ତି। ଜିଲାପାଳଙ୍କ ଏହି ଗସ୍ତ ସମୟରେ ବିଡିଓ ଦିବ୍ୟେନ୍ଦୁ ଦାସ, ତହସିଲଦାର କୈଳାସ ଚନ୍ଦ୍ର ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।


ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ଜିଲାପାଳ ବାତ୍ୟା ମୁକାବିଲା ସମୀକ୍ଷା କରୁଛନ୍ତି ।

## ବରୀରେ ୭ ବାତ୍ୟା ଆଶ୍ରୟସ୍ଥଳ



ବରୀ,୨୩।୧୦(ମହେନ୍ଦ୍ର ସ୍ୱାଇଁ):

ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ପାଇଁ ବରୀ ବ୍ଲକ୍ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବା ସୂଚନା ମିଳିଛି। ବ୍ଲକ ଅଧୀନରେ ୭ ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ଥିବାବେଳେ ବିଭିନ୍ନ ପଞ୍ଚାୟତରେ ବାତ୍ୟାର ସଫଳ ମୁକାବିଲା ପାଇଁ ୨୭ ଅସ୍ଥାୟୀ ଆଶ୍ରୟସ୍ଥଳ ପ୍ରସ୍ତୁତ କରାଯାଇଛି। ପ୍ରତି ବାତ୍ୟା ଆଶ୍ରୟସ୍ଥଳରେ ଜେନେରେଟର, ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ଜରୁରୀକାଳୀନ ଔଷଧ ମହଜୁଦ ରଖାଯାଇଛି ବୋଲି ବିଡିଓ ପଞ୍ଚାନନ ମଲ୍ଲିକ ସୂଚନା ଦେଇଛନ୍ତି। ପ୍ରତିକେନ୍ଦ୍ରରେ ଆଶ୍ରୟ ନେବାକୁ ଥିବା ଲୋକେ ଯେଭଳି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେହି କେନ୍ଦ୍ରଗୁଡ଼ିକରେ ପ୍ରଶାସନ ତରଫରୁ ଜଣେ ଜଣେ ନୋଡାଲ ଅଫିସର ନିଯୁକ୍ତି କରାଯାଇଛି। ଏତଦ୍‌ବ୍ୟତୀତ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଉପସ୍ଥିତ ଥିବାବେଳେ ମୋଟ ୨୦ ଜଣ ଆସନ୍ନ ପ୍ରସବାଙ୍କ ମଧ୍ୟରୁ ୧୧ ଜଣଙ୍କୁ ସ୍ଥାନାନ୍ତର କରାଯିବା ସହିତ ଅବଶିଷ୍ଟ ୯ଜଣଙ୍କୁ ଆଶ୍ରୟସ୍ଥଳ କିମ୍ବା ସ୍ଥାନୀୟ ନିକଟସ୍ଥ ଚିକିତ୍ସାକେନ୍ଦ୍ରକୁ ଅଣାଯିବାକୁ ବ୍ୟବସ୍ଥା କରାଯାଉଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସବ୍ୟସାଚୀ ଦାସ ସୂଚନା ଦେଇଛନ୍ତି। ବରୀ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଭକ୍ତଚରଣ ସେଠୀଙ୍କ ସୂଚନା ଅନୁଯାୟୀ, ବ୍ଲକ ଅଧୀନରେ ୩୪ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର କରାଯିବା ସହ ସେଠାକୁ ଯେଉଁ ପ୍ରାଣୀ ଚିକିତ୍ସା ହେବାକୁ ଯିବେ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ସାମଗ୍ରୀ ମହଜୁଦ ରହିଛି। ପ୍ରାଣୀମାନଙ୍କୁ ବାତ୍ୟା ସମୟରେ ସୁରକ୍ଷିତ ସ୍ଥାନରେ ରଖିବାକୁ ସେ ପରାମର୍ଶ ଦେଇଛନ୍ତି।

## କଳାବଜାର ରୋକିବାକୁ ଯୋଗାଣ ବିଭାଗର ଚଢ଼ାଉ

ବିଞ୍ଝାରପୁର,୨୩।୧୦(ରାମକୃଷ୍ଣ ଦାସ):

ସମ୍ଭାବ୍ୟ ବାତ୍ୟା ଦାନାକୁ ଦୃଷ୍ଟିରେ ରଖି କେତେକ ଅସାଧୁ ବ୍ୟବସାୟୀ ଅତ୍ୟାବଶ୍ୟକୀୟ ସାମଗ୍ରୀର କୃତ୍ରିମ ଅଭାବ ସୃଷ୍ଟି କରି ଅହେତୁକ ଦର ବୃଦ୍ଧି କରୁଥିବା ପ୍ରଶାସନ ନିକଟର ଅଭିଯୋଗ ହୋଇଛି। ଏହି ଅଭିଯୋଗ ପରେ ବଜାରରେ ଖାଉଟି ସାମଗ୍ରୀର ଦର ବୃଦ୍ଧି ରୋକିବା ସହ କଳାବଜାର ବନ୍ଦ କରିବା ପାଇଁ ବିଞ୍ଝାରପୁର ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଇ କରାଯାଇଛି। ଯୋଗାଣ ଅଧିକାରୀ ଶୁଭଙ୍ଗୀ ରାୟ, ବିଞ୍ଝାରପୁର ଥାନାଧିକାରୀ ବାମଦେବ ନନ୍ଦ ବାଳମୁକୁଳି, ସିଂହପୁର, ବିଞ୍ଝାରପୁର, ପ୍ରୀତିପୁର ଆଦି ଅଞ୍ଚଳର ବିଭିନ୍ନ ତେଜରାତି ଦୋକାନ ଓ ଗୋଦାମରେ ଚଢ଼ାଉ କରିଛନ୍ତି। ସେମାନେ ବଜାରରେ ଗଚ୍ଛିତ ସାମଗ୍ରୀ ଆକଳନ କରିବା ସହିତ ବ୍ୟବସାୟୀ ନିର୍ଦ୍ଧାରିତ ମୂଲ୍ୟରେ ସାମଗ୍ରୀ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।


ଯୋଗାଣ ଅଧିକାରୀ ଦୋକାନରେ ଚଢ଼ାଉ କରୁଛନ୍ତି ।



## ନଷ୍ଟ ହୋଇଯିବ ପନିପରିବା

କାଏମା,୨୩।୧୦(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତର ଚାଷୀମାନେ ବାତ୍ୟାଦାନାକୁ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଏହି ଅଞ୍ଚଳରେ ଅନେକ ଚାଷୀ ପରିବା ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି। ତେବେ ବାତ୍ୟା ହେଲେ ପରିବା ଫସଲ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ମତ ଦେଇଛନ୍ତି। ଏହି ପଞ୍ଚାୟତ ଅରଖପଦା ଗ୍ରାମର ଚାଷୀ ଚିତ୍ତରଞ୍ଜନ ସାହୁ କହିଛନ୍ତି, ସେ ୩ ଏକରରୁ ଅଧିକ ଜମିରେ କଲରା, ଜହ୍ନି, ମୂଳା, କାକୁଡି ଓ ଗେଣ୍ଡୁ ଫୁଲ ଆଦି ଚାଷ କରିଥାନ୍ତି। ସେଥି ମଧ୍ୟରୁ ୧ ଏକରରୁ ଅଧିକ ଜମିରେ କଲରା ଚାଷ କରିଛନ୍ତି। ଏବେ ଗଛରେ ଫୁଲ ଆସୁଛି। ତେବେ ଜୋରରେ ବର୍ଷା କିମ୍ବା ପବନ ହେଲେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ସେହିପରି ଅନ୍ୟ ସମସ୍ତ ପନିପରିବା ମଧ୍ୟ ବର୍ଷା ଦ୍ୱାରା ନଷ୍ଟହେବ। ଅନେକ ଚାଷୀ ଏହି ବାତ୍ୟା ଦ୍ୱାରା ପ୍ରଭାବିତ ହେବେ ବୋଲି ମତ ପ୍ରକାଶ କରିଛନ୍ତି।

## ବାତ୍ୟା ଆଶ୍ରୟସ୍ଥଳ ତଦାରଖକଲେ ଅଧିକାରୀ

ଚଣ୍ଡିଖୋଲ,୨୩।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):

ବାତ୍ୟା ଦାନାର ମୁକାବିଲା ପାଇଁ ଯାଜପୁର ଜିଲା ପ୍ରଶାସନ ସଜାଗ ରହିଛି। ବୁଧବାର ଯାଜପୁର ଅତିରିକ୍ତ ଜିଲାପାଳ ନବକିଶୋର ଜେନା ବଡ଼ଚଣା ବ୍ଲକର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ବୁଲି ଏହାର ତଦାରଖ କରିଛନ୍ତି। ସେ କହିଛନ୍ତି, ବହୁମୁଖି ବାତ୍ୟା ଆଶ୍ରୟସ୍ଥଳ ସହ ଅନ୍ୟ କେତେକ ବିଦ୍ୟାଳୟକୁ ଅସ୍ଥାୟୀ ଆଶ୍ରୟସ୍ଥଳୀ କରାଯାଇଛି। କିପରି ଭଲ ଭାବରେ ଆଶ୍ରୟସ୍ଥଳଗୁଡ଼ିକୁ ପରିଚାଳନା କରାଯିବ ସେଥିପାଇଁ ସମସ୍ତ ପ୍ରସ୍ତୁତ ହୋଇଛି। ବ୍ଲକ୍‌ରେ ୫ ବାତ୍ୟା ଆଶ୍ରୟସ୍ଥଳୀ ଥିବାବେଳେ ୬୩ ଅସ୍ଥାୟୀ ଆଶ୍ରୟସ୍ଥଳ ହୋଇଛି। ପରେ ବିଡିଓଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ କରାଯାଇଛି। ବୈଠକରେ ପ୍ରତ୍ୟେକ ଆଶ୍ରୟସ୍ଥଳରେ ୫ ଜଣ ନୋଡାଲ ଅଫିସର ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ସକାଳେ ସମସ୍ତଙ୍କୁ ଆଶ୍ରୟସ୍ଥଳକୁ ଅଣାଯିବ। ଯେଉଁଠାରେ ପାନୀୟ ଜଳ ଅସୁବିଧା ଥିବ ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ବିଛିନ୍ନ ହେଲେ କେତେକ ସ୍ଥାନରେ ଜେନେରେଟର ବ୍ୟବସ୍ଥା ମଧ କରାଯାଇଛି। ପାନୀୟ ଜଳ, ପରିମଳ ଓ ଅଲୋକୀକରଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରଯାଇଛି। ସମସ୍ତେ କିପରି ସୁରକ୍ଷିତ ରହିବେ ସେଥିପ୍ରତି ଗୁରୁତ୍ୱ ଆରୋପ କରଯାଇଛି। ସମୀକ୍ଷା ବୈଠକରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ସାମିଲ ହୋଇଥିଲେ।

## ପେଟ୍ରୋଲ ପମ୍ପରେ ଭିଡ଼

ଯାଜପୁରରୋଡ୍,୨୩।୧୦(ପବିତ୍ର ରଞ୍ଜନ ମହାନ୍ତି):

ବାତ୍ୟା ଦାନାକୁ ନେଇ ସମସ୍ତେ ଆଶଙ୍କା ମଧ୍ୟରେ ରହିଛନ୍ତି। ବିଭିନ୍ନ ଅତ୍ୟାବଶକ ଦ୍ରବ୍ୟ କିଣି ଲୋକେ ଘରମୁହାଁ ହେଉଛନ୍ତି। ଏଥିପାଇଁ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ହାଟ ବଜାରରେ ଅସମ୍ଭବ ଭିଡ଼ ପରିଲିକ୍ଷିତ ହୋଇଛି। ଏହିକ୍ରମରେ ବ୍ୟସନଗର ସହରର ବିଭିନ୍ନ ପେଟ୍ରୋଲ ପମ୍ପରେ ବୁଧବାର ଦିନତମାମ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଛି। ଲୋକେ ୨ ଚକିଆ ଓ ୪ ଚକିଆ ଗାଡ଼ିରେ ଆବଶ୍ୟକତାଠାରୁ ଅଧିକ ତେଲ ପକାଉଛନ୍ତି। ବାତ୍ୟା ପ୍ରଭାବରେ ଦୁଇ ତିନିଦିନ ପେଟ୍ରୋଲ ପମ୍ପ ବନ୍ଦ ରହି ପାରେ ବୋଲି ସାଧାରଣ ଲୋକେ ଆଶଙ୍କା କରିଛନ୍ତି।


ପେଟ୍ରୋଲ ପମ୍ପରେ ତେଲ ପକାଇବାକୁ ଲୋକଙ୍କ ଭିଡ଼ ।

# ଆରମ୍ଭରୁ ଝୁଣ୍ଟିଲାଣି ବ୍ଲକ୍ ପ୍ରଶାସନ

ରାଜନଗର,୨୩।୧୦(ଭାସ୍କର ରାଉତରାୟ)


ରାଜନଗର ବାତ୍ୟା ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ରଖାଯାଇଛି।

■ ସନ୍ଧ୍ୟାସୁଦ୍ଧା ପହଞ୍ଚି ପାରିଲାନି ଶୁଖିଲା ଖାଦ୍ୟ

■ ୩୨ ଜଣ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଗଲା

ବାତ୍ୟା 'ଦାନା' ଭିତରକନିକା-ଧାମରା ମଧ୍ୟରେ ସ୍ଥଳଭାଗ ଛୁଇଁବ। ଅତିଭୟଙ୍କର ହୋଇ ବାତ୍ୟା ସ୍ଥଳ ଭାଗକୁ ମାଡ଼ି ଆସୁଥିବାରୁ କେନ୍ଦ୍ରାପଡ଼ା ଜିଲାରେ ରେଡ୍ ଆଲର୍ଟ ଜାରି କରାଯାଇଛି । ବାତ୍ୟା ରାଜନଗର ଅଞ୍ଚଳରେ ମାଡ ହେବାର ଆଶଙ୍କା ଥିବା ବେଳେ ପ୍ରଶାସନ ଯେତିକି ତତ୍ପର ହେବା କଥା, ସେତିକି ହୋଇନାହିଁ । ୨୩ ତାରିଖ ସନ୍ଧ୍ୟା ସୁଦ୍ଧା ସାତଭାୟା ପଞ୍ଚାୟତକୁ ବାଦ ଦେଲେ ଅନ୍ୟ ୨୮ ପଞ୍ଚାୟତରେ ଶୁଖିଲା ଖାଦ୍ୟ ପହଞ୍ଚି ପାରିନି। ବିପନ୍ନ ଲୋକ ବାତ୍ୟା ଆଶ୍ରୟସ୍ଥଳୀକୁ ଆସିବା ଆରମ୍ଭ କରିଥିବା ବେଳେ ଶୁଖିଲା ଖାଦ୍ୟ ପହଞ୍ଚି ନ ଥିବାରୁ ବୁଧବାର ରାତିରେ ସେମାନେ କଣ ଖାଇବେ ସେ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷେ ବ୍ଲକ ପ୍ରଶାସନ ଶୁଖିଲା ଖାଦ୍ୟ ଯୋଗାଇ ଦେବ, ରନ୍ଧାଖାଦ୍ୟ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ବ୍ୟବସ୍ଥା କରିବେ ବୋଲି ବୈଠକରେ ବିଡିଓ ସୂଚନା ଦେଇଥିଲେ। ଆଭେଲେବୁଲ ଫଣ୍ଡରୁ ବ୍ଲକ ରିଲିଫ ଅପରେଶନ ପାଇଁ ଖର୍ଚ୍ଚ କରିବ ବୋଲି ଜିଲାପାଳ ବିଡିଓଙ୍କୁ ଚିଠି କରିଥିଲେ ମଧ୍ୟ ରିପୋର୍ଟ ଲେଖାହେବା ଯାଏଁ ବିଡିଓ କୌଣସି ପଞ୍ଚାୟତକୁ ରିଲିଫ ପରିଚାଳନା ପାଇଁ ଅର୍ଥ ଯୋଗାଇ ଦେଇନାହାନ୍ତି ବୋଲି ଅଭିଯୋଗ ହୋଇଛି । ଫଳରେ ରିଲିଫ ଅପରେଶନ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ପ୍ରବଳ ବର୍ଷା ଓ ପବନ ଭିତରକନିକାରେ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଡିଭିଜନ ପକ୍ଷରୁ ୮ ଓ କନିକା ରେଞ୍ଜ ପକ୍ଷରୁ ୬ଟି ଟିମ ଗଠନ କରାଯାଇଛି। ଡିଭିଜନ ପକ୍ଷରୁ ଗଠନ କରାଯାଇଥିବା ୮ଟି ଟିମ୍ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ଉଦ୍ଧାର ଓ ଯାତାୟତ ପାଇଁ କାମ କରିବ। କନିକା ରେଞ୍ଜ ପକ୍ଷରୁ ଗଠନ କରାଯାଇଥିବା ୬ ଟିମ୍‌ରେ ୫ ରୁ ୬ଜଣ ଲେଖାଏଁ ବନକର୍ମଚାରୀ ରହିଛନ୍ତି । ଦୁଇଟି ଟିମ ଲୋକଙ୍କୁ ଉଦ୍ଧାର, ସୁରକ୍ଷା ଓ ରାସ୍ତାରେ ପଡିଥିବା ଗଛ ହଟାଇବା ଦିଗରେ କାର୍ଯ୍ୟ କରିବ। ଆଉ ଦୁଇଟି ଟିମ୍ ବର୍ଷା ଓ ପବନ ଯୋଗୁ ଗାଁ ମଧ୍ୟକୁ ପଶି ଆସିଥିବା ବନ୍ୟଜନ୍ତୁଙ୍କୁ ଉଦ୍ଧାର ପାଇଁ କାର୍ଯ୍ୟ କରିବ। ଅନ୍ୟ ୨ଟି ଟିମ୍ ଇକୋ ଟୁରିଜିମ ଓ ପ୍ଲାଣ୍ଟେଶନକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟ କରିବ। ସବୁ ବୋଟକୁ ସୁରକ୍ଷିତ ଭାବେ ରଖାଯାଇଛି। ବନବିଭାଗ ପକ୍ଷରୁ ଉଦ୍ଧାର ପାଇଁ ବୋଟ ଗୁଡିକୁ ପ୍ରସ୍ତୁତ କରି ରଖାଯାଇଛି। କାମ୍ପା ଓ ବୋଲେରୋକୁ ମଧ୍ୟ ପ୍ରସ୍ତୁତ ରଖାଯାଇଥିବା ଏସିଏଫ୍ ମାନସ କୁମାର ଦାସ ସୂଚନା ଦେଇଛନ୍ତି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜନଗର ବ୍ଲକର ୨୯ ପଞ୍ଚାୟତ ପାଇଁ ୩୨ଜଣ ଗର୍ଭବତୀଙ୍କୁ ଆଗୁଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୭ଜଣ ମହିଳାଙ୍କୁ ରଖାଯାଇଥିବା ବେଳେ ତାଲଚୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ଜଣ, ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ମହିଳାଙ୍କୁ ରଖାଯାଇଛି। ୩୨ଜଣ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ୧୦ଜଣଙ୍କ ପ୍ରସବ ହୋଇସାରିଛି। ସମସ୍ତେ ବାତ୍ୟା ଶେଷ ହେବା ଯାଏଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିବେ ବୋଲି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା.ରଶ୍ମୀ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି । ଏଥିସହିତ ୪୫ଟି ବାତ୍ୟା ଆଶ୍ରୟସ୍ଥଳ ଓ ୭୦ଟି ଅସ୍ଥାୟୀ ଆଶ୍ରୟସ୍ଥଳରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଇଛି। ୨୦ଜଣ ସିଏଚ୍‌ଓ, ୨୫ଜଣ ଏଏନଏମଙ୍କ ସମେତ ସମସ୍ତ ଅଙ୍ଗନୱାଡି ୱାର୍କର ଓ ଆଶାକର୍ମୀଙ୍କୁ ଆଶ୍ରୟସ୍ଥଳରେ ଆଲର୍ଟ କରାଯାଇଛି।

ସେମାନଙ୍କ ପାଖରେ ଓଆରଏସ, ଝାଡା, ଜ୍ୱର, ଗ୍ୟାସ ଓ ପ୍ରାଥମିକ ଚିକିତ୍ସା ପାଇଁ ମେଡିସିନ ମହଜୁଦ ରଖାଯାଇଛି। ଏହାଛଡା ୩ଟି ମୋବାଇଲ ସ୍ୱାସ୍ଥ୍ୟ ବିଭାଗ ଟିମ୍ ବୁଲୁଥିବା ବେଳେ ଆମ୍ବୁଲାନ୍ସକୁ ସଜାଗ କରି ରଖାଯାଇଛି। ଅପରପକ୍ଷେ ରାଜନଗର ବ୍ଲକ ସମୁଦ୍ରକୂଳିଆ ଗାଁମାନଙ୍କରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ଜାରି ରହିଛି। ରାଜନଗର ବ୍ଲକକୁ ୪ଟି ଏନ୍‌ଡିଆରଏଫ୍ ଟିମ, ୨ଟି ଓଡ୍ରାଫ ଟିମ୍ ଓ ୨ଟି ଅଗ୍ନିଶମ ବାହିନୀର ଟିମ୍ ରାଜନଗରର ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇଛି। ବାତ୍ୟା ଏବଂ ବାତ୍ୟା ପରବର୍ତ୍ତୀ ସମୟରେ ବିପନ୍ନ ଲୋକମାନଙ୍କୁ ଉଦ୍ଧାର କରିବା, ରାସ୍ତାଘାଟ ପରିଷ୍କାର କରିବା କ୍ଷେତ୍ରରେ ସେମାନେ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

# ୭୭୨୫ ଜଣଙ୍କୁ ସ୍ଥାନାନ୍ତର ଲକ୍ଷ୍ୟ


ବାତ୍ୟା ଆଶ୍ରୟସ୍ଥଳକୁ ଲୋକମାନଙ୍କୁ ନିଆଯାଉଛି।

ଡେରାବିଶ,୨୩।୧୦(ବେବର୍ତ୍ତା ଅଜୟ ଦାସ)

ବାତ୍ୟା ଦାନାକୁ ଦୃଷ୍ଟିରେ ରଖି ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ୨୬ ପଞ୍ଚାୟତରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ବ୍ଲକରେ ଗୋଟିଏ ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ଥିବା ବେଳେ ୬୪ଟି ଅସ୍ଥାୟୀ କେନ୍ଦ୍ରକୁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏନେଇ କଚ୍ଚାଘରେ ରହୁଥିବା ୭୭୨୫ ଜଣ ଲୋକଙ୍କୁ ପ୍ରସ୍ତୁତ ରହିଥିବା ଆଶ୍ରୟସ୍ଥଳକୁ ବୁଧବାର ରାତିଠାରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରାଯାଇଛି। ପ୍ରତ୍ୟେକ କେନ୍ଦ୍ରରେ ଶୁଖିଲା ଖାଦ୍ୟ, ପାନୀୟ ଜଳ ବ୍ୟବସ୍ଥା ହୋଇଥିବା ବେଳେ ବିଦ୍ୟୁତ ସରବରାହ ପାଇଁ ଜେନେରେଟର ବ୍ୟବସ୍ଥା କରାଯାଇଥିବା ଭାରପ୍ରାପ୍ତ ବିଡିଓ ଅନିରୁଦ୍ଧ ବେହେରା ସୂଚନା ଦେଇଛନ୍ତି। ଆବଶ୍ୟକୀୟ ସ୍ଥଳେ ବୁଧବାର ରାତିରୁ କେନ୍ଦ୍ରରେ ରହିବାକୁ ଆସିଥିବା ଲୋକମାନ ପାଇଁ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ସଂପୃକ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଗର୍ଭବତୀଙ୍କ ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯିବାର ବ୍ୟବସ୍ଥା କରାଯାଇଛି। ବ୍ଲକ ଅଞ୍ଚଳରେ ମୋଟ ୧୩ଜଣ ଗର୍ଭବତୀଙ୍କ ମଧ୍ୟରୁ ବୁଧବାର ସୁଦ୍ଧା ୧୦ ଜଣ କେନ୍ଦ୍ରାପଡ଼ା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଅନ୍ୟ ୩ଜଣ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ୍ତରଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ବାତ୍ୟା 'ଦାନା'ର ମୁକାବିଲା ପାଇଁ ରଣନୀତି

ରାଜକନିକା,୨୩।୧୦(ସଞ୍ଜୟ କୁମାର ଦାଶ)

ବାତ୍ୟା 'ଦାନା'ର ମୁକାବିଲା ପାଇଁ ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ ରଣନୀତି ପ୍ରସ୍ତୁତ ହୋଇଛି। ରାଜକନିକା ବିଡ଼ିଓ ପୃଥୀରାଜ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, କନିକା ଅତିରିକ୍ତ ତହସିଲଦାର ଦେବ ବଲ୍ଲଭ ସେଠୀ, ରାଜକନିକା ଥାନା ଅଧିକାରୀ ଦିଲୀପ କୁମାର ଧଳଙ୍କ ସମେତ ବିଭାଗୀୟ ଅଧିକାରୀ ଓ ସରପଞ୍ଚମାନେ ଯୋଗଦେଇଥିଲେ । ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ଜିରୋ କାଜୁଆଲଟିକୁ ନଜରରେ ରଖି ଏହି ଦୁର୍ବିପାକ ସମୟରେ ଅଗ୍ନିଶମ, ଓଡ୍ରାଫ, ବିଦ୍ୟୁତ୍ ବିଭାଗ, ପୋଲିସ ଓ ଡାକ୍ତରୀ ଟିମ୍ ସଜାଗ ରହିବାପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ଲୋକମାନଙ୍କ ପାଇଁ ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବା ପାଇଁ ପଦକ୍ଷେପ ନିଆଯାଉଛି । ଶୁଖିଲା ଖାଦ୍ୟ, ପାନୀୟ ଜଳ, ଜରୁରୀ ଔଷଧ, ଗୋଖାଦ୍ୟ ଆଦି ମହଜୁଦ ରଖିବା ଓ ଅତ୍ୟାବଶ୍ୟକ ସ୍ଥାନରେ ରନ୍ଧାଖାଦ୍ୟ ପାଇଁ ପ୍ରସ୍ତୁତି ନିମନ୍ତେ ନିଷ୍ପତ୍ତି ହୋଇଛି । ରାଜକନିକା ବ୍ଲକର ୨୯ଟି ପଞ୍ଚାୟତରୁ ୧୮ଟି ପଞ୍ଚାୟତର ୪୩ଟି ଗାଁରେ ବାତ୍ୟାର ପ୍ରଭାବ ଆଶଙ୍କା କରାଯାଇ ସେହିସବୁ ସ୍ଥାନରେ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ଥିବା ବିଡ଼ିଓ କହିଛନ୍ତି। ବାତ୍ୟା ଭିତରକନିକାରେ ସ୍ଥଳଭାଗ ଛୁଇଁବା ନେଇ ପୂର୍ବାନୁମାନ କରାଯାଉଥିବା ବେଳେ ରାଜକନିକାର କାଟଣା-ବଣିଆଁ, ଜୟନଗର, ତ୍ରୈଲୋକ୍ୟପୁର, ବରାଡିଆ, ସିକୋ, କୋରନ୍ଦ, ତରାସ ଆଦି ପଞ୍ଚାୟତ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି ।

# ପଟ୍ଟାମୁଣ୍ଡାଇରେ ବୁଧବାର ମଧ୍ୟାହ୍ନରୁ ବର୍ଷା ଆରମ୍ଭ


ପଟ୍ଟାମୁଣ୍ଡାଇ ଧାନ ଗଛରେ ପେଟ ଥୋଡ।

ପଟ୍ଟାମୁଣ୍ଡାଇ,୨୩।୧୦(କଳ୍ପତରୁ ନାୟକ)

■ ଆଶା,ଆଶଙ୍କାରେ ଚାଷୀ

■ ଧାନ,ପନିପରିବା ଚାଷୀ ହତାଶ

ବାତ୍ୟା 'ଦାନା' ପ୍ରଭାବରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ବୁଧବାର ମଧ୍ୟାହ୍ନରୁ ବର୍ଷା ଆରମ୍ଭ ହୋଇଛି । ଆକାଶରେ କଳାହାଣ୍ଡିଆ ମେଘ ଘୋଟି ରହିଥିବା ବେଳେ ବର୍ଷା ସହ ଧିରେ ପବନ ବହିବାରରେ ଲାଗିଛି ।ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୧୧ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଧାନ ହୋଇଥିବା ବେଳେ ଧୋୟା ଅଞ୍ଚଳରେ ପନିପରିବା ଚାଷ ହୋଇଛି। ଫସଲରେ ଏବେ ଧାନ ପେଟଥୋଡ଼ ଅବସ୍ଥାରେ ରହିଛି। ଧାନ ଚାଷୀଙ୍କୁ ଫସଲ ନଷ୍ଟ ହେବା ଚିନ୍ତା ଘାରିଛି । ବର୍ଷକର ଅର୍ଜିତ ଫସଲକୁ ବାତ୍ୟା ନଷ୍ଟ କରି ଦେବା ନେଇ ଚନ୍ତା ଘାରିଛି।

ଧାନ ଚାଷୀ ବିଜୟ ନାୟକ କହିଛନ୍ତି, ୩ ମାସ ତଳେ ଟଙ୍କା ଖର୍ଚ୍ଚ କରି ଧାନ ଫସଲ କରିଥିଲୁ । ଏବେ ପେଟ ଥୋଡ଼ ସମୟରେ ଯଦି ବାତ୍ୟା ହୁଏ ବର୍ଷକର ଦାନାପାଣି ବୁଡ଼ିବ । କେମିତି ଚଳିବୁ ଚିନ୍ତା ବଢ଼ିଛି । ବିଭିନ୍ନ ସ୍ଥାନରୁ ଋଣ ଆଣି ଧାନ ଚାଷ କରିଥିଲୁ କେମିତି ସେହି ଟଙ୍କା ଶୁଝିବୁ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି । କୃଷକ ରଞ୍ଜିତ ନାୟକ କୁହନ୍ତି, ବୁଧବାର ବାତ୍ୟା ପ୍ରଭାବରେ ପଟ୍ଟାମୁଣ୍ଡାଇ ଧୋୟା ଅଞ୍ଚଳରେ ମେଘୁଆ ପାଗ ସହିତ ଝିପିଝିପି ବର୍ଷା ଆରମ୍ଭ ହୋଇଛି । ଏଥିରେ ପରିବା ଚାଷୀମାନେ ଭୟଭୀତ ହୋଇ ପଡିଛନ୍ତି । ପଟ୍ଟାମୁଣ୍ଡାଇ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ବାମପାର୍ଶ୍ୱ ୭ଟି ପଞ୍ଚାୟତ ସହ ବାଲିପାଟଣା, ବାଛରା, ଶ୍ରୀରାମପୁର, ବଳଭଦ୍ରପୁର, ଡାମରପୁର ଓ ଶାସନ ପଞ୍ଚାୟତ ସମେତ ପୌରାଞ୍ଚଳର ଅଳଭା,ତନୁପୁର, କଷଣଅଣ୍ଡା, ତଳବଲିପଡା ଓ ଷଣ୍ଢପଲ୍ଲୀ ଚାଷୀ ଶତାଧିକ ହେକ୍ଟର ଚାଷ ଜମିରେ ପରିବା ଚାଷ କରିଛନ୍ତି । ଚାଷ ଜମିରେ ବିରି, କୋବି, ଭେଣ୍ଡି, ଝୁଡୁଙ୍ଗ, ବାଇଗଣ ଠାରୁ ଆରମ୍ଭ କରି ବିଭିନ୍ନ ରକମର ପନିପରିବା ଚାଷ କରାଯାଇ କରାଯାଇଛି। ଏଥିପାଇଁ ସପରିବାର କଠିନ ପରିଶ୍ରମ କରିଥାଆନ୍ତି । ହେଲେ ସବୁ ଏହି ବାତ୍ୟାରେ ଉଜୁଡ଼ିବ ବୋଲି ସେ କହିଛନ୍ତି। ବୁଦ୍ଧିଜିବୀ ନରେନ୍ଦ୍ର ଧଳ କୁହନ୍ତି, ପ୍ରତିବର୍ଷ ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀମାନେ ଧାର କରଜ କରି ପନିପରିବା ଚାଷ କରୁଥିବା ବେଳେ ଏମିତି ବନ୍ୟା ବାତ୍ୟା ଆସି ଉଜାଡି ଦିଏ ଫସଲ । ଏଭଳି ପରିସ୍ଥିତିରେ ଯେତେ ବେଳେ ବାତ୍ୟା ଦାନା ଆସୁଛି ଏହା ଶୁଣିବା ପରେ ଆମେ ଭୟଭୀତ ଅବସ୍ଥାରେ ଅଛୁ। ଆଗରୁ ତିତିଲି, ହୁଡୁହୁଡ, ଫାଇଲିନ ପରି ବାତ୍ୟାରେ ପନିପରିବା ଚାଷୀମାନେ ବିଶେଷ କ୍ଷତି ସହିଥିବା ବେଳେ ଏବେ ଆଉ ଏକ ବାତ୍ୟା ଆସୁଥିବା ଶୁଣି ଚିନ୍ତା ବଢ଼ିଛି।

ବାତ୍ୟା ଦାନା ୨୪ ରାତି ଓ ୨୫ ପାହାନ୍ତ ଭିତରେ ହିଁ ଭିତରକନିକା-ଧାମରା ମଧ୍ୟରେ ଉପକୂଳବର୍ତ୍ତୀ ଅଞ୍ଚଳ ଛୁଇଁବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୨୦ କିମି ରହିବ ବୋଲି ପାଣିପାଗ ବିଭାଗ ଘୋଷଣା କରିଛି । ଯଦି ଅତ୍ୟାଧିକ ବର୍ଷା କି ପବନ ହୁଏ ତା'ହେଲେ ପରିବା ସହ ଧାନ ଚାଷ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯିବ ବୋଲି ଚାଷୀମାନେ କହିଛନ୍ତି।

# ଶେଷ ହେଲା ନେତୁଆର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା

ଡେରାବିଶ,୨୩।୧୦(ବେବର୍ତ୍ତା ଅଜୟ ଦାସ)

ନିରାଡମ୍ବରେ ମେଲାଣି ନେଲେ ମା'



ଡେରାବିଶ ବ୍ଲକ ଅଞ୍ଚଳରେ ଆରମ୍ଭ ହୋଇଥିବା ମା'ଧନଦାତ୍ରୀ ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଦୀର୍ଘ ୭ଦିନ ଧରି ଗାଁଠାରୁ ବଜାର ଉତ୍ସବମୁଖର ହୋଇ ଉଠିଥିଲା। ବ୍ଲକ ଅଧୀନ ଛୋଟି ପଞ୍ଚାୟତର ନେତୁଆସ୍ଥିତ ମା'ଙ୍କ ପୂଜା ମଣ୍ଡପ ବ୍ଲକ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଛି। ପୂଜା କମିଟି ପକ୍ଷରୁ ମା'ଙ୍କ ପୂଜା ଚଳିତ ବର୍ଷ ବନ୍ୟଜନ୍ତୁ ଓ ଜଙ୍ଗଲ ସୁରକ୍ଷା ସଚେତନତକୁ ଅଧିକ ଗୁରୁତ୍ୱ ଦେଇଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ଓ ସଙ୍ଗୀତ ପରିବେଷଣ ଅଞ୍ଚଳକୁ ଉତ୍ସବ ମୁଖରିତ କରିଥିଲା। ବ୍ଲକ ସମେତ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଲୋକମାନେ ପ୍ରତ୍ୟେହ ସନ୍ଧ୍ୟାରେ ଭିଡ ଲାଗି ରହିଥିଲା। ତେବେ ବାତ୍ୟା ଦାନା ପାଇଁ ବୁଧବାର ସନ୍ଧ୍ୟାରେ ଏକ ନିରାଡମ୍ବର ଭାବେ ଘଣ୍ଟ ସଂକୀର୍ତ୍ତନ ଶୋଭାଯାତ୍ରା ମଧ୍ୟରେ ମା'ଙ୍କୁ ମେଲାଣି ଦିଆଯାଇଥିଲା। ଏହି ପୂଜାକୁ କମିଟିର କର୍ମକର୍ତ୍ତା ନିର୍ମଳ କୁମାର ମଲ୍ଲ, ଛୋଟି ସରପଞ୍ଚ ରଜନୀ ମଲ୍ଲିକ, ରଞ୍ଜନ କୁମାର ମଲ, ସଞ୍ଜୟ ମଲ୍ଲିକ ଓ ବିକାଶ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ଏହି ପୂଜା ଉତ୍ସବ ଅବସରରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରବି ସାମଲ ମା'ଙ୍କୁ ଦର୍ଶନ କରିଥିଲେ।

# ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିଲା

ସମୁଦ୍ରରୁ ଫେରି ମହାନଦୀରେ ଆନ୍ଧ୍ର ପ୍ରଦେଶ ମାଛଧରା ଟ୍ରଲର

ମହାକାଳପଡ଼ା,୨୩।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ବାତ୍ୟା ପ୍ରଭାବରେ ବୁଧବାର ସକାଳୁ ଉପକୂଳ ଅଞ୍ଚଳରେ ବର୍ଷା ସହ ପବନ ଆରମ୍ଭ ହୋଇଛି। ଏ ନେଇ ଉପକୂଳ ଅଞ୍ଚଳର ଲୋକମାନେ ସଚେତନ ହୋଇଛନ୍ତି। ନିକଟସ୍ଥ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀ , ବିଦ୍ୟାଳୟରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତରେ ନୋଡାଲ ଅଫିସର ନିଯୁକ୍ତି ହେବା ସହ ସହଯୋଗ କରିବା ପାଇଁ ୨ ସରକାରୀ କର୍ମଚାରୀଙ୍କୁ ଦାୟିତ୍ୱ ତୁଲାଇବେ। ବାତ୍ୟା ଆଶଙ୍କା ପୂର୍ବରୁ ଓ ପରେ ଶୁଖିଲା ଖାଦ୍ୟ, ପାନୀୟ ଜଳ, ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ଉପକୂଳ ଉପାନ୍ତ ଅଞ୍ଚଳର କଚା ଘର ଛାଡ଼ି ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ , ବିଦ୍ୟାଳୟରେ ରହିଥିଲେ ମଧ ଦାୟିତ୍ୱରେ ଥିବା ଅଧିକାରୀମାନେ ପହଞ୍ଚି ନ ଥିବା ଅଭିଯୋଗ ହେଉଛି।

ଜମ୍ବୁ ପଞ୍ଚାୟତ କଣ୍ଡରା ପାଟିଆ, ସୁନିତିର ଓଲ୍ଡ ଫିଲ୍ଡ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀ , ଜଙ୍ଗଲ ଘେରି ରାମଚଣ୍ଡି ବିଦ୍ୟାଳୟରେ ସନ୍ଧ୍ୟା ସୁଦ୍ଧା ବୃଦ୍ଧାବୃଦ୍ଧ ପହଞ୍ଚି ଥିବା କହିଛନ୍ତି ସ୍ଥାନୀୟ ଲୋକମାନେ। ହେଲେ ଏମାନଙ୍କ ପାଇଁ ଶୁଖିଲା ଖାଦ୍ୟ ପହଞ୍ଚି ପାରିନି ବୋଲି ରିଲିଫ କ୍ୟାମ୍ପରେ ଥିବା ଲୋକମାନେ କହିଛନ୍ତି। ଅପର ପକ୍ଷରେ ଖରିଫ ଫସଲ ନଷ୍ଟ ହେବାର ଆଶଙ୍କା କରାଯାଉଛି। କାରଣ ବାତ୍ୟା ପ୍ରଭାବରେ ୧୨୦ କିମି ବେଗରେ ପବନ ବହିବା ସହ ପ୍ରବଳ ବର୍ଷାରେ ଥୋଡ଼ ବାହାରୁଥିବା ଧାନ ଗଛ ନଷ୍ଟ ଆଶଙ୍କା ଥିବାରୁ ଚାଷୀମାନେ ଚିନ୍ତାରେ ଅଛନ୍ତି। ସମୁଦ୍ରରୁ ଫେରି ୧୦ରୁ ଅଧିକ ମାଛଧରା ଟ୍ରଲର ଏବେ ମହାନଦୀରେ ନଙ୍ଗର ପକାଇ ରହିଛନ୍ତି । ସେଥିରେ ବାଲେଶ୍ୱର , ଆନ୍ଧ୍ର ପ୍ରଦେଶର ମାଛ ଧରା ଟ୍ରଲର ରହିଛି । ସେମାନଙ୍କୁ ରେସ୍କୁ ଅପରେଶନ ପାଇଁ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବା ପାଇଁ ପ୍ରାକ୍ତନ ସରପଞ୍ଚ ବିକାଶ ଦେବନାଥ କହିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତରେ ରଲିଫ ଓ ଥଇଥାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ବିଡ଼ିଓ ସାଗର କୁମାର ନନ୍ଦ କହିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି ।


ବାହାକୁଦ ସଂଲଗ୍ନ ମହାନଦୀରେ ଆନ୍ଧ୍ର ପ୍ରଦେଶର ମାଛ ଧରା ଟ୍ରଲର।

# ପଟ୍ଟାମୁଣ୍ଡାଇରେ ବାତ୍ୟା ପ୍ରସ୍ତୁତିର ସମୀକ୍ଷା କଲେ ବିଧାୟକ

ପଟ୍ଟାମୁଣ୍ଡାଇ,୨୩।୧୦(କଳ୍ପତରୁ ନାୟକ)



ସମ୍ଭାବ୍ୟ ବାତ୍ୟା 'ଦାନା' ଭିତରକନିକା ଠାରେ ଲ୍ୟାଣ୍ଡ ଫଲ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିବା ପରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ଭୟ ସୃଷ୍ଟି ହୋଇଛି । ପଟ୍ଟାମୁଣ୍ଡାଇ ତଳିଆ ଅଞ୍ଚଳରେ ଥିବା ଅସୁରକ୍ଷିତ ଲୋକମାନଙ୍କ ଆଖିରୁ ନିଦ ହଜି ଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସମ୍ଭାବ୍ୟ ବାତ୍ୟା 'ଦାନା'କୁ ସଫଳତାର ସହ ମୁକାବିଲା କରିବା ଲାଗି ପ୍ରଶାସନିକ ପ୍ରସ୍ତୁତି ଜୋରଦାର କରାଯାଇଛି । ରାଜନଗର ବିଧାୟକ ଧ୍ରୁବ ସାହୁ ରାଜନଗରରେ ବାତ୍ୟା ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି ସମୀକ୍ଷା କରିବା ପରେ ଗୁରୁବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ପ୍ରଶାସନିକ ପ୍ରସ୍ତୁତି ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି । ବିଧାୟକ ସାହୁ ପୌର ଓ ବ୍ଲକ ଅଞ୍ଚଳରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ଜନସାଧାରଣଙ୍କ ସୁବିଧା ପାଇଁ ଜେନେରଟର ବ୍ୟବସ୍ଥା କରିବା, ସମସ୍ତ ବାତ୍ୟା ଅଞ୍ଚଳରେ ପିଇବା ପାଣିର ଉପଯୁକ୍ତ ବ୍ୟବସ୍ଥା , ଟ୍ୟାଙ୍କର ଯୋଗେ ଜନସାଧାରଣ ବ୍ୟବହାର ପାଇଁ ପାଣି ଯୋଗାଇବା, ସମସ୍ତ ନଳକୂପ କାର୍ଯ୍ୟକ୍ଷମ କରିବା,ବାତ୍ୟା ଆଶ୍ରୟ ସ୍ଥଳୀ ଓ ଅନ୍ୟାନ୍ୟ ଅସ୍ଥାୟୀ ଆଶ୍ରୟ ସ୍ଥଳୀରେ ଶୁଖିଲା ଖାଦ୍ୟ ସହ ରନ୍ଧା ଖାଦ୍ୟ ବ୍ୟବସ୍ଥା କରିବା, ଆବଶ୍ୟକ ପଡିଲେ ଅସ୍ଥାୟୀ ଆଶ୍ରୟ ସ୍ଥଳୀ ସଂଖ୍ୟା ବୃଦ୍ଧି କରିବା, ଗୃହ ପାଳିତ ପଶୁଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବା, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଟିମ୍ ସଜାଗ ରହିବା, ବାତ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରଶାସନ ସହ ଅଗ୍ନିଶମ ବାହିନୀ ସଜାଗ ରହିବା ଉପରେ ଗୁରୁତ୍ୱ ଆରୋପ କରିବା ପ୍ରଶାସନିକ ପ୍ରସ୍ତୁତି ବ୍ୟବସ୍ଥାର ସମୀକ୍ଷା କରିଥିଲେ । ବାତ୍ୟା ସମୟରେ ଜନସାଧାରଣ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ଦିଗରେ ଧ୍ୟାନ ଦେବା ସହିତ ସମସ୍ତ ବ୍ୟବସ୍ଥାକୁ ନିୟମିତ ତଦାରଖ କରିବାକୁ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବିଡ଼ିଓ ଶୁଭ୍ରାଂଶୁ ସାହୁ, ତହସିଲଦାର ପଞ୍ଚାନନ ନାୟକ,ଏବିଡ଼ିଓ ସନ୍ତୋଷ ମନ୍ତ୍ରୀ, ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ଜଳଧର ବେହେରା,ମୁଖ୍ୟ ଚିକିତ୍ସାଧିକାରୀ ଡା.ନିରାକାର ପରିଡ଼ା, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ସ୍ମୃତି ରଞ୍ଜନ ରଥ, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ବ୍ଲକ ଯୋଗାଣ ନିରୀକ୍ଷକ, ଅଗ୍ନିଶମ ଅଧିକାରୀ, ସାମାଜିକ କର୍ମୀ ବୁଢ଼ା ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ ।

# ବାତ୍ୟାରେ ଧାନ ଫସଲ ଉଜୁଡ଼ିବା ଆଶଙ୍କା, ଚିନ୍ତାରେ ଚାଷୀ

ଡେରାବିଶ, ୨୩।୧୦(ବେବର୍ତ୍ତା ଅଜୟ ଦାସ)



ବାତ୍ୟା ଦାନା ଗୁରୁବାର ରାତି କିମ୍ବା ଶୁକ୍ରବାର ସକାଳେ ସ୍ଥଳଭାଗ ଛୁଇଁବାକୁ ଯାଉଛି। ଏହାର ପ୍ରଭାବରେ ଉପକୂଳବର୍ତ୍ତୀ ଜିଲା କେନ୍ଦ୍ରାପଡ଼ା ଅଧିକ ପ୍ରଭାବିତ ହେବ ବୋଲି ପାଣି ପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ତେବେ ଅଧିକ ପବନ ଓ ପ୍ରବଳ ବର୍ଷା ଯୋଗୁ ଜିଲାର ଡେରାବିଶ ବ୍ଲକ ଅଞ୍ଚଳରେ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ବ୍ଲକ ଅଞ୍ଚଳର ଚାଷୀମାନେ ଚିନ୍ତିତ ଅଛନ୍ତି। ଚଳିତ ବର୍ଷ ଖରିଫ ଧାନ ଫସଲ ଭୟ ହୋଇଥିବା ବେଳେ ଏବେ ବିଲରେ ଥିବା ଗଛରେ ଧାନ ଥୋଡ ବାହାରିବାକୁ ଲାଗିଛି। ଏପରି ଅବସ୍ଥାରେ ହଠାତ ବାତ୍ୟାକୁ ସାମ୍ନା କରିବା ପାଇଁ ଚାଷୀକୁଳ ସାହାସ ଜୁଟାଇ ପାରୁନାହାନ୍ତି।

ଏ ସଂକ୍ରାନ୍ତରେ ବ୍ଲକ ସହକାରୀ କୃଷି ଅଧିକାରୀ ବନଲତା ବେହେରା କୁହନ୍ତି, ବାତ୍ୟା ପାଇଁ ବିଭିନ୍ନ ପଞ୍ଚାୟତର ଗ୍ରାମ୍ୟ କୃଷି କର୍ମଚାରୀମାନେ ସଜାଗ ରହିଛନ୍ତି। ଚାଷ ଜମିରେ ପାଣି ଜମିବା ବା ପବନରେ କ୍ଷୟକ୍ଷତି ହେବାକୁ ଥିବା ଫସଲ ଉପରେ ତୁରନ୍ତ ରିପୋର୍ଟ ପ୍ରଦାନ ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ବେହେରାଙ୍କ ସୂଚନା ଅନୁଯାୟୀ, ଚଳିତ ବର୍ଷ ପୂର୍ବରୁ ରୁଆ ପୋତା ହୋଇଥିବା ବିଲରେ ବର୍ତ୍ତମାନ ଫୁଲ ଧରିବା ଆରମ୍ଭ ହୋଇଛି। କେତେକ ଚାଷ ଜମିରେ ବିଳମ୍ବରେ ରୁଆପୋତା ହୋଇଥିବାରୁ ସେହି ଫସଲର କ୍ଷତି ହେବା ଆଶଙ୍କା କମ ରହିଛି। ଅନ୍ୟପକ୍ଷେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଦ୍ୱାରା ଚାଷୀମାନଙ୍କ ପାଇଁ ଦିଆଯାଇଥିବା ସୂଚନା ପ୍ରତ୍ୟେକ ଗ୍ରାମରେ କୃଷି କର୍ମଚାରୀମାନେ କୃଷକମାନଙ୍କୁ ସଚେତନ କରାଉଛନ୍ତି। ବାତ୍ୟା ପରବର୍ତ୍ତୀ ଅବସ୍ଥାରେ କ୍ଷୟକ୍ଷତିର ଆକଳନ କରାଯାଇ ବିଭାଗୀ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ବେହେରା କହିଛନ୍ତି। ସେହିପରି ପନିପରିବା ଓ ଅନ୍ୟାନ୍ୟ ଫସଲ ମଧ ନଷ୍ଟ ହେବାର ସମ୍ଭାବନା ରହିଥିବାରୁ ଚାଷୀମାନେ ଚିନ୍ତିତ ହୋଇଯାଇଛନ୍ତି। ସୁଚନାଯୋଗ୍ୟ, ଡେରାବିଶ ବ୍ଲକ ଅଞ୍ଚଳରେ ମୋଟ ୧୦ହଜାରରୁ ଊର୍ଦ୍ଧ୍ୱ ଚାଷ ଜମିରେ ଧାନ ଫସଲ ହୋଇଛି।

# ବନ୍ଦର ପୋତାଶ୍ରୟରୁ ଜାହାଜ ଖାଲି କରାଗଲା



ପାରାଦୀପଠାରେ ବାତ୍ୟା ଦାନା ସମୀକ୍ଷା ବୈଠକରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଅନ୍ୟମାନେ।



ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ହୋଇ ଆସିଥିବା ଲୋକମାନେ।

■ ପାରାଦୀପରେ ଆରମ୍ଭ ହେଲା ବର୍ଷା, ପ୍ରଶାସନର ବ୍ୟାପକ ପ୍ରସ୍ତୁତି

■ ବନ୍ଦର ବିପଦ ସଙ୍କେତ ୧୦ ନମ୍ବର ଜାରି

ପାରାଦୀପ, ୨୩।୧୦(ଶରତ ରାଉତ)

ପାରାଦୀପରେ ସମ୍ଭାବ୍ୟ ବାତ୍ୟା ଦାନା ପ୍ରଭାବରେ ବୁଧବାର ମଧ୍ୟାହ୍ନରୁ ବର୍ଷା ହୋଇଛି। ଖରାବେଳେ କିଛି ସମୟ ପାଇଁ କୋହଲା ପବନ ସହ ବର୍ଷା ହୋଇଥିଲା। ପରେ ପବନର ଗତି କମିଯାଇଛି। କିନ୍ତୁ ଝିପି ଝିପି ବର୍ଷା ଲାଗି ରହିଛି। ସମ୍ଭାବ୍ୟ ବାତ୍ୟାକୁ ନେଇ ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଏକାଧିକବାର ସମୀକ୍ଷା ବୈଠକ କରିଛନ୍ତି। ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ଜିଲାର ପ୍ରତି ଅଞ୍ଚଳ ପାଇଁ ୨୪ଘଣ୍ଟିଆ ନିରୀକ୍ଷଣ କରାଯାଉଛି। ଏହାକୁ ତଦାରଖ କରିବା ପାଇଁ ସ୍ୱତନ୍ତ୍ର ସଚିବ ଯାମିନୀ ଷଡ଼ଙ୍ଗୀ ରହିଛନ୍ତି। ପ୍ରଥମେ ପାରାଦୀପ ସର୍କିଟ ହାଉସରେ ମନ୍ତ୍ରୀ ସ୍ୱାଇଁଙ୍କ ସମେତ ଜିଲାପାଳ ଜେ. ସୋନାଲ, ଏସ୍‌ପି ଭବାନୀଶଙ୍କର ଉଦଗାତା, ଏଡିଏମ୍ ନିରଞ୍ଜନ ବେହେରା ଓ ଅନ୍ୟ ଅଧିକାରୀମାନେ ବାତ୍ୟା ଆଶ୍ରୟସ୍ଥଳ ସ୍ଥିତି, କେଉଁ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରାଯିବ, ସେମାନଙ୍କ ପାଇଁ ଖାଦ୍ୟ ସାମଗ୍ରୀ,ମେଡ଼ିକାଲ ସୁବିଧା, ଉଦ୍ଧାରକାରୀ ଟିମ୍, ରାସ୍ତା ସଫା ଟିମ୍ ଉପରେ ସମୀକ୍ଷା କରିଥିଲେ। ଶୂନ ଦୁର୍ଘଟଣା ଉପରେ ସମସ୍ତେ ଗୁରୁତ୍ୱ ଦେଇଥିଲେ। ପାରାଦୀପଠାରୁ ଏରସମା ପର୍ଯ୍ୟନ୍ତ ସମୁଦ୍ରକୂଳ ଅଞ୍ଚଳରେ ଲୋକଙ୍କୁ ନ ଯିବା ପାଇଁ ବାରଣ କରାଯାଇଛି। ସନ୍ଧ୍ୟା ସୁଦ୍ଧା ପାରାଦୀପ ପୌରାଞ୍ଚଳର ୧, ୧୭, ୧୮, ୧୯ ନମ୍ବର ବସ୍ତିର କେତେଜଣ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳ ମଧ୍ୟରେ ରଖାଯାଇଛି।

ସେହିପରି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସନ୍ଧ୍ୟା ସୁଦ୍ଧା ପୋତାଶ୍ରୟ ମଧ୍ୟରେ ଥିବା ସମସ୍ତ ଜାହାଜକୁ ସମୁଦ୍ର ଭିତରକୁ ପଠାଇ ଦେଇଛନ୍ତି। ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ବଡ଼ କ୍ରେନ, ହାଇମାକ୍ସ ଲାଇଟକୁ ଖସାଇ ଦିଆଯାଇଛି। ବାତ୍ୟା ଆଲର୍ଟ ନମ୍ବର (୧୦)ଜାରି କରାଯାଇଛି। ପାରାଦୀପ ମାଛଧରା ବନ୍ଦର ମଧ୍ୟରେ କରାଯାଇଥିବା ବୃହତ ଅସ୍ଥାୟୀ ସେଡ୍‌କୁ ଖୋଲି ଦିଆଯାଇଛି। ସମସ୍ତ ବୋଟ୍ ପୋତାଶ୍ରୟକୁ ଫେରିଛନ୍ତି ବୋଲି ସଭାପତି ଶ୍ରୀକାନ୍ତ ପରିଡା କହିଛନ୍ତି। ଶେଷ ଖବର ଅନୁସାରେ, ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟରେ ଆନ୍ଧ୍ରପ୍ରଦେଶର ୭ଟି ମାଛଧରା ବୋଟ୍ ଆସି ଆଶ୍ରୟ ନେଇଛନ୍ତି। ପାରାଦୀପ ପୌରାଞ୍ଚଳରେ ୫୧୪୩ ଜଣଙ୍କୁ ଆଶ୍ରୟସ୍ଥଳ ମଧ୍ୟରେ ରଖାଯାଇଛି। ସେଥିରେ ୯୧ ଜଣ ଗର୍ଭବତୀ ମହିଳା ଅଛନ୍ତି। ରାତି ସୁଦ୍ଧା ୮୫୦୦ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କେଦାରନାଥ



@ ରମେଶ



@ ଶିବସୁନ୍ଦର



@ ତୋଫାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାରମ୍ପରିକ ବାଦ୍ୟରେ ମେଲାଣି ନେଲେ ମା'



ଗୋବରୀ ନଦୀରେ ମା' ଗଜଲକ୍ଷ୍ମୀଙ୍କୁ ଶ୍ରଦ୍ଧାଳୁ ବିସର୍ଜନ କରୁଛନ୍ତି।

## ଗଣପର୍ବ ଗଜଲକ୍ଷ୍ମୀ ପୂଜା ଭସାଣି ଫିକା ପଡ଼ିଲା

କେନ୍ଦ୍ରାପଡ଼ା, ୨୩।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ବୁଧବାର ଶେଷ ହୋଇଛି। ଭସାଣି ଉତ୍ସବ ସମ୍ଭାବ୍ୟ ବାତ୍ୟା ଦାନା ପାଇଁ ଫିକା ପଡ଼ିଛି। ଏଥିସହ ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ପାରମ୍ପରିକ ଭାବେ ଅନୁଷ୍ଠିତ ହେଉଥିବା ମେଲଣ ପର୍ବ ସ୍ଥଗିତ ରଖାଯାଇଛି। ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଘଣ୍ଟ ଓ ଢୋଲ ମଧ୍ୟରେ ସୀମିତ ରହିଯାଇଛି। ଚଳିତବର୍ଷ ସହର ମଧ୍ୟରେ ୬୮ଟି ପୂଜାମଣ୍ଡପରେ ମା' ଧନଦାତ୍ରୀ ଓ ଦେବୀଦେବ ବିରାଜିତ ହୋଇଥିଲେ। ୩୦ରୁ ଊର୍ଦ୍ଧ୍ୱ ପୂଜାମଣ୍ଡପରେ ମା' ଗଜଲକ୍ଷ୍ମୀ ଚାନ୍ଦି ଓ ସୁନା ଅଳଙ୍କାରରେ ଭୂଷିତ ହୋଇଥିବା ଦେଖିବାକୁ ମିଳିଥିଲା। ଭସାଣି ଶୋଭାଯାତ୍ରାରେ ଲୋକକଳା, ଲୋକନୃତ୍ୟ, ଘଣ୍ଟ ବାଦନ, ଡିଜେ ଆଦି ସାମିଲ ହେବାକୁ ପ୍ରସ୍ତୁତି ଥିଲା। ତେବେ ବାତ୍ୟା ଓ ବର୍ଷା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏହି ଭସାଣି ଉତ୍ସବକୁ ସକାଳ ୬ରୁ ସନ୍ଧ୍ୟା ୬ଟା ମଧ୍ୟରେ ସୀମିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ଡିଜେ, ବାଜା, ରୋଶଣି ବିନା ଏହି ଭସାଣି ଉତ୍ସବ ହୋଇଥିଲା। ଏ ସମ୍ପର୍କରେ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ମେଲଣ କମିଟିର କର୍ମକର୍ତ୍ତା ସଚ୍ଚିକାନ୍ତ ବେହେରା କହିଛନ୍ତି, ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ମେଲଣକୁ ସ୍ଥଗିତ ରଖାଯାଇଛି। ମେଲଣ ଉତ୍ସବ ପାଇଁ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିଲା। ୨ଦିନ ଧରି ଏହି ଭସାଣି ଉତ୍ସବ ହୋଇଥାନ୍ତା। ବାତ୍ୟା ପାଇଁ ଜିଲା ପ୍ରଶାସନ ପକ୍ଷରୁ ମାତ୍ର ୧୨ ଘଣ୍ଟାରେ ଭସାଣି ଉତ୍ସବ ଶେଷ ହୋଇଛି। ଏହାକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ସମସ୍ତ ମଣ୍ଡପକୁ ନିମନ୍ତ୍ରଣ ଓ ଭୋଗ ଅର୍ପଣ କରାଯାଇଥିଲା। ଏଥିସହ ମେଲଣ ପଡ଼ିଆରେ ଏକାଠି ନ ହୋଇ ବିସର୍ଜନ ଘାଟକୁ ଯିବା ପାଇଁ କୁହାଯାଇଥିଲା। ତେବେ ଏହି ଭସାଣି ଉତ୍ସବକୁ କମିଟି ପକ୍ଷରୁ ଆସନ୍ତା ୨୭ ତାରିଖରେ ଆରମ୍ଭ ପାଇଁ ଜିଲାପାଳଙ୍କୁ ଅନୁରୋଧ ସତ୍ତ୍ୱେ ସମ୍ଭବ ହୋଇ ନ ଥିଲା। ଫଳରେ ସହର ମଧ୍ୟରେ ଅନୁଷ୍ଠିତ ଏହି ବଡ଼ ପର୍ବରେ ବ୍ୟବସାୟୀଙ୍କ ବହୁ କ୍ଷତି ହୋଇଥିବା ସେ କ୍ଷୋଭ ପ୍ରକାଶ କରିଥିଲେ।

# କେନ୍ଦ୍ରାପଡ଼ା ତଟାଞ୍ଚଳରେ ୪ନଂ. ବିପଦସଙ୍କେତ

କେନ୍ଦ୍ରାପଡ଼ା, ୨୩।୧୦(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ବାତ୍ୟା ଦାନା ପାଇଁ ତଟାଞ୍ଚଳରେ ୪ନଂ. ବିପଦସଙ୍କେତ ଜାରି ହୋଇଛି। ଏହି ବିପଦସଙ୍କେତ ଅନୁଯାୟୀ ଜୁଆର ଉତ୍ତାଳ ରହିବା ଯୋଗୁ ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ନ ଯିବାକୁ ବାରଣ କରାଯାଇଛି। ଏଥିସହ ବାତ୍ୟାର ସାମ୍ନା ପାଇଁ ସ୍ଥାନୀୟ ଜିଲାବାସୀଙ୍କୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ବାତ୍ୟା ସମୟରେ ଦିଆଯାଉଥିବା ବିପଦସଙ୍କେତ ସମ୍ପର୍କରେ ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ପବନର ପ୍ରକୋପକୁ ଅନୁଧ୍ୟାନ କରାଯାଇ ବିପଦସଙ୍କେତ ଜାରି କରାଯାଇଥାଏ।

୧ନଂ. ବିପଦସଙ୍କେତ, ସାଧାରଣତଃ ପବନର ଗତି ଘଣ୍ଟା ପ୍ରତି ୩୦ରୁ ୬୦ କି.ମି. ବେଗରେ ପ୍ରବାହିତ ହେବାକୁ ଥିବାବେଳେ ୩୬ ଘଣ୍ଟା ପୂର୍ବରୁ ଏହି ବିପଦସଙ୍କେତ ଜାରି ହୋଇଥାଏ। ଏହି ଧରଣର ପବନ ଫଳରେ ସ୍ଥାନୀୟ ଅଞ୍ଚଳର ଗଛ ଡାଳପତ୍ର ଭାଙ୍ଗିବା ଦେଖାଯାଏ। କଦଳୀ ଗଛ, ଫୁଲ ଗଛ ଆଦି ଏଥିରେ ନଷ୍ଟ ହୋଇଥାଏ। ୨୪ ଘଣ୍ଟା ମଧ୍ୟରେ ଘଣ୍ଟା ପ୍ରତି ୬୦ରୁ ୧୦୦ କି.ମି. ବେଗରେ ପବନ ହେବାକୁ ଥିଲେ ୨ ନଂ. ବିପଦସଙ୍କେତ ଦିଆଯାଇଥାଏ। ଏହି ସମୟରେ ନଡ଼ିଆ ଗଛ ସହ ବଡ଼ ଗଛ ଭାଙ୍ଗିବା ଦେଖାଯାଏ। ସେହିପରି କଚ୍ଚା ଘରର ଛପର ଉଡ଼ିଯିବା ସହ କାନ୍ଥ ପଡ଼ି ଯାଇଥାଏ। ପୁରୁଣା ଘରେ ରହୁଥିବା ଲୋକେ ଏଥିପ୍ରତି ସତର୍କ ହେବା ଆବଶ୍ୟକ। ଚାଷଜମିରେ ଫସଲ ନଷ୍ଟ ହେବା ସମ୍ଭାବନା ଅଧିକ। ଆଗାମୀ ୧୮ ଘଣ୍ଟା ମଧ୍ୟରେ ଘଣ୍ଟା ପ୍ରତି ୧୦୦ରୁ ୧୮୫ କି.ମି ବେଗରେ ପବନର ଗତି ଆକଳନ କରାଯାଇ ୩ ନଂ. ବିପଦସଙ୍କେତ ଦିଆଯାଇଥାଏ। ଏହି ବାତ୍ୟାରେ ବହୁ ସଂଖ୍ୟକ ନଡ଼ିଆ ଗଛ, ବଡ଼ ଗଛ, କଚ୍ଚା ଘର ଭାଙ୍ଗିବା ଦେଖାଯାଇଥାଏ। ଚାଷ ଓ ଶିଳ୍ପ କ୍ଷେତ୍ର ପ୍ରଭାବିତ ହୋଇଥାଏ। ପବନ ଗତିର ତୀବ୍ରତା ୧୨ ଘଣ୍ଟା ମଧ୍ୟରେ ଘଣ୍ଟା ପ୍ରତି ବେଗ ୧୮୫ କି.ମି.ରୁ ଊର୍ଦ୍ଧ୍ୱରେ ବହିବାକୁ ଥିଲେ ୪ନଂ. ବିପଦସଙ୍କେତ ଜାରି ହୋଇଥାଏ। ପବନର ଅତ୍ୟଧିକ ଗତି ଯୋଗୁ ବହୁସଂଖ୍ୟକ ଘର, ବୃକ୍ଷରାଜି, ଶିଳ୍ପ ପ୍ରତିଷ୍ଠାନର କ୍ଷତି ହୋଇଥାଏ। ଏହି ବାତ୍ୟା ସ୍ଥାନୀୟ ଅଞ୍ଚଳରେ ବଡ଼ ଧରଣର କ୍ଷତି ଘଟାଇବା ସହ ଜୀବନହାନିର ଆଶଙ୍କା ଥାଏ।



ଓଡ଼ିଶାର ପାରାଦୀପଠାରେ ଥିବା ଡପ୍ଲର ର୍ୟାଡର ମାଧ୍ୟମରେ ବାତ୍ୟାର ସ୍ଥିତି ବୁଧବାର ଅନୁଧ୍ୟାନ କରୁଛନ୍ତି ବୈଜ୍ଞାନିକ ଧାନିଶ କେ. ଓ ଅନ୍ୟ ଅଧିକାରୀ ।

## ଆଜି ସ୍ଥାନାନ୍ତର ହେବେ ତଳିଆ ଅଞ୍ଚଳ ଲୋକେ

ଧର୍ମଶାଳା,୨୩।୧୦(ବଟକୃଷ୍ଣ ପରିଡ଼ା): ସମ୍ଭାବ୍ୟ ବାତ୍ୟା ଦାନାର ମୁକାବିଲା ପାଇଁ ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ବ୍ଲକ ଅଧୀନରେ ରହିଥିବା ବିଭିନ୍ନ ଆଶ୍ରୟସ୍ଥଳକୁ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଓ ତହସିଲଦାର ଶୁଭଙ୍କର ମହାନ୍ତି ବୁଲି ଦେଖିଛନ୍ତି। ତଳିଆ ଅଞ୍ଚଳରେ କଚାଘରେ ବସବାସ କରୁଥିବା ପାଖାପାଖି ୪ ହଜାର ୫ ଶହ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳିକୁ ଗୁରୁବାର ମଧ୍ୟାହ୍ନ ସୁଦ୍ଧା ଅଣାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ବାତ୍ୟା ସମୟରେ ଆଶ୍ରୟ ନେବା ପାଇଁ ୪ ବାତ୍ୟା ଆଶ୍ରୟସ୍ଥଳ, ୧୫୮ଟି ସ୍କୁଲକୁ ପ୍ରସ୍ତୁତ କରିରଖାଯାଇଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚିହ୍ନ ହୋଇଥିବା ୪୪ ଆସନ୍ନ ପ୍ରସବାଙ୍କ ମଧ୍ୟରୁ ୨୯ ଜଣଙ୍କୁ ଡାକ୍ତରଖାନାରେ ରଖାଯାଇଛି। ଅନ୍ୟମାନଙ୍କୁ ଗୁରୁବାର ମଧ୍ୟାହ୍ନ ସୁଦ୍ଧା ଡାକ୍ତରଖାନାରେ ଭର୍ତ୍ତି କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ବାତ୍ୟା ମୁକାବିଲା ସହିତ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ରଖାଯିବା ଓ ସେମାନଙ୍କୁ ରନ୍ଧା ଏବଂ ସୁଖିଲା ଖାଦ୍ୟ ପ୍ରଦାନ ନିମନ୍ତେ ବ୍ଲକର ୪୫ ପଞ୍ଚାୟତରେ ୨ ଜଣ ଲେଖାଏ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି ବୋଲି ବିଡିଓ ସୂଚନା ଦେଇଛନ୍ତି।

# ଭୟଭୀତ ନ ହୋଇ ସତର୍କ ରହିବାକୁ ଜିଲାପାଳଙ୍କ ପରାମର୍ଶ

କେନ୍ଦ୍ରାପଡ଼ା, ୨୩।୧୦ (ଜଗନ୍ନାଥ ଧଳ)

ସମ୍ଭାବ୍ୟ ସାମୁଦ୍ରିକ ଝଡ଼ ଦାନା କେନ୍ଦ୍ରାପଡ଼ା ଜିଲାରେ ଲ୍ୟାଣ୍ଡଫଲ କରିବ। ଏହି ସମୟରେ ପବନର ବେଗ ୧୦୦ରୁ ୧୧୦ କି.ମି. ଘଣ୍ଟା ପ୍ରତି ପ୍ରବାହିତ ହେବ। ବର୍ଷା ଅଧିକ ହେବାକୁ ଥିବା ବେଳେ ଜିଲାବାସୀ ଏ ନେଇ ଭୟଭୀତ ହେବା ଆବଶ୍ୟକ ନାହିଁ। ଜିଲା ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ବାତ୍ୟା ସମୟରେ ସଜାଗ ରହିଛି। ସତର୍କତା ସହ ଚଳିଲେ ଏହି ବିପଦ ସହଜରେ ଟଳିଯିବ ବୋଲି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ବୁଧବାର କହିଛନ୍ତି। ସନ୍ଧ୍ୟାରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏଠାରେ ଜିଲାପାଳ ପ୍ରଧାନ କହିଛନ୍ତି, ସମ୍ଭାବ୍ୟ ଝଡ଼ ଦାନା କେନ୍ଦ୍ରାପଡ଼ା ଜିଲାର ଭିତରକନିକା ଅଞ୍ଚଳରେ ଲ୍ୟାଣ୍ଡଫଲ କରିବ। ଏଠାରେ ହେନ୍ତାଳବଣ ଥିବାରୁ ସାମୁଦ୍ରିକ ଜୁଆର ଓ ତୀବ୍ରଗତିରେ ଆସୁଥିବା ପବନକୁ କିଛି ମାତ୍ରାରେ ହ୍ରାସ କରିବ। ଅପରପକ୍ଷରେ ଗୁରୁବାର ସକାଳ ସୁଦ୍ଧା ପ୍ରାୟ ୩୪ ହଜାର ଲୋକଙ୍କୁ ସ୍ଥାନାନ୍ତର ବ୍ୟବସ୍ଥା କରାଯାଇଛି। ୫୯୬ଟି ଆଶ୍ରୟସ୍ଥଳରେ ସ୍ଥାନାନ୍ତର ଲୋକମାନେ ସୁରକ୍ଷିତ ରହିବା ଓ ଖାଇବା ବ୍ୟବସ୍ଥା ହୋଇଛି। ଏଥିସହ ଯାତାୟାତ ପଥକୁ ସଫା କରିବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦିଆଯାଇଛି। ଜିଲାବାସୀ ଝଡ଼ ସମୟରେ ବାହାରକୁ ବାହାରିବା ଉଚିତ ନୁହେଁ। ଆପଦ ବିପଦ ସମୟରେ ନିକଟରେ ଥିବା ପ୍ରଶାସନିକଅଧିକାରୀଙ୍କ ସହଯୋଗାଯୋଗ କରି ଏହାର ସମାଧାନ ବାହାର କରିବା ପାଇଁ ଜିଲାବାସୀଙ୍କୁ ସେ ପରାମର୍ଶ ଦେଇଛନ୍ତି। ଏହି ସମ୍ମିଳନୀରେ ଏଡିଏମ୍ ନିଲୁ ମହାପାତ୍ର ସାମିଲ ହୋଇଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଏଡିଏମ୍ ନିଲୁ ମହାପାତ୍ର ଉପସ୍ଥିତ ରହିଛନ୍ତି।

# ୬ ରୁ ୭ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବ

■ ନଦୀବନ୍ଧ ଉପରେ ଜଳ ସମ୍ପଦ ବିଭାଗର ତୀକ୍ଷ୍ଣ ଦୃଷ୍ଟି

■ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଡିଜାଷ୍ଟର ମିଟିଗେଶନ ସେଲ୍

ଯାଜପୁର,୨୩।୧୦(ହର୍ଷବର୍ଦ୍ଧନ ବେହେରା):

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବୁଧବାର ସନ୍ଧ୍ୟାରେ ଘନୀଭୂତ ହୋଇ ବାତ୍ୟା 'ଦାନା'ର ରୂପ ନେଇଛି। ଏହାର ପ୍ରଭାବରେ ସନ୍ଧ୍ୟାରେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଝିପି ଝିପି ବର୍ଷା ସାଙ୍ଗକୁ ସାମାନ୍ୟ ପବନ ବୋହିବା ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ବ୍ୟାପକ ପ୍ରସ୍ତୁତି ଚଳାଇଛନ୍ତି। ଜିଲାରେ ପ୍ରବାହିତ ବ୍ରାହ୍ମଣୀ ଓ ବୈତରଣୀ ନଦୀ ସମେତ ଏହାର ଶାଖା ନଦୀଗୁଡିକରେ ବନ୍ୟା ନୂଆ କଥା ନୁହେଁ। ଏହି ନଦୀବନ୍ଧଗୁଡିକରେ ଅତୀତରେ ଏକାଧିକ ଘାଇ ସୃଷ୍ଟି ହୋଇ ବନ୍ୟା ପାଣି ଗ୍ରାମଗୁଡ଼ିକୁ ପଶି ବ୍ୟାପକ କ୍ଷୟକ୍ଷତି କରିଥିବା ନଜିର ରହିଛି। ଏହି କ୍ରମରେ ଜଳ ସମ୍ପଦ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଯାଜପୁର ଜଳସମ୍ପଦ ଡିଭିଜନ ଅଧୀନରେ ଏଥର ଦୁର୍ବଳ ନଦୀବନ୍ଧ ନ ଥିବା ସୂଚନା ମିଳିଛି। ଏହାବାଦ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ କଣ୍ଟ୍ରୋଲ ରୁମ ସହ ଜରୁରୀକାଳୀନ ଏକ ସ୍ୱତନ୍ତ୍ର ଦଳ ସମ୍ଭାବ୍ୟ ବନ୍ୟା ପ୍ରଭାବିତ ବ୍ରିଜ, ରାସ୍ତା ଓ ଗୃହଗୁଡିକ ଉପରେ ଦୃଷ୍ଟି ରଖାଯାଇଛି। ଟାଟା ପାୱାର ପକ୍ଷରୁ ବିଦ୍ୟୁତ ସରବରାହକୁ ସ୍ୱାଭାବିକ କରିବାକୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ପବନ ବୋହିବାର ଶେଷ ହେବାର ୬ ରୁ ୭ ଘଣ୍ଟା ମଧ୍ୟରେ ସହରାଞ୍ଚଳକୁ ବିଦ୍ୟୁତ ସରବରାହକୁ ସ୍ୱାଭାବିକ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଗତ ୫ ବର୍ଷ ମଧ୍ୟରେ ୨୦୧୯ ସେପ୍ଟେମ୍ବର ବନ୍ୟା ଭୟଙ୍କର ଥିଲା। ଏହି ବନ୍ୟାରେ ଆଳି, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଖୋର୍ଦ୍ଧା ଓ ବାଲେଶ୍ୱର ଜଳ ସମ୍ପଦ ଡିଭିଜନ ଅଧୀନରେ ୧୧ଟି ସ୍ଥାନରେ ୩୧୫ ମିଟର ଲମ୍ବ ଘାଇ ସୃଷ୍ଟି ହୋଇଥିଲା। କିନ୍ତୁ ଯାଜପୁର ଜିଲାରେ ୨୫ଟି ଘାଇରେ ୧୩୧୦ ମିଟର ପର୍ଯ୍ୟନ୍ତ ଘାଇ ସୃଷ୍ଟି କରି ଲୋକଙ୍କ ଜୀବନ ଜୀବିକାକୁ ଦୁର୍ବିସହ କରି ପକାଇଥିଲା। ଏଥିଯୋଗୁ ଜିଲାର ପ୍ରାୟ ୧୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲାବେଳେ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା। ପ୍ରାୟ ୩୫ ହଜାର ପ୍ରାଣୀ ସମ୍ପଦ ମୃତାହତ ହୋଇଥିଲେ। ଏଥିପାଇଁ ଦୁର୍ବଳ ନଦୀବନ୍ଧ ନିର୍ମାଣ ସାଙ୍ଗକୁ ଉପଯୁକ୍ତ ସୁଦୃଢ଼ିକରଣର ଅଭାବକୁ ସେତେବେଳେ ଦାୟୀ କରାଯାଇଥିଲା। ଏଥର ଜିଲା ପ୍ରଶାସନ ପକ୍ଷରୁ ଶୂନ୍ୟ ମୃତ୍ୟୁ ଲକ୍ଷ୍ୟ ରଖାଯାଇଛି। ଯାଜପୁର ଜଳ ସମ୍ପଦ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଓ ରାତ୍ରୀକାଳୀନ ପାଟ୍ରୋଲିଂ, ଆନିକଟଗୁଡ଼ିକୁ ଖୋଲା ରଖିବା ସମେତ ବାଲି, ସିମେଣ୍ଟ ବସ୍ତା, ବହ୍ଲା ଇତ୍ୟାଦି ଜରୁରୀକାଳୀନ ସାମଗ୍ରୀ ପ୍ରଚୁର ପରିମାଣରେ ମହଜୁଦ ରଖାଯାଇଛି। ଏଥର କୌଣସି ନଦୀବନ୍ଧ ଦୁର୍ବଳ ଥିବା ଚିହ୍ନଟ କରାଯାଇ ନାହିଁ। ତଥାପି ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଉଛି ବୋଲି ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ ସୂଚନା ଦେଇଛନ୍ତି।

ବନ୍ୟା ହେଲେ ବିଶେଷକରି ଗ୍ରାମ୍ୟ ନିର୍ମାଣ ବିଭାଗର ରାସ୍ତା, ବ୍ରିଜ, ନଦୀବନ୍ଧ, ଗୃହ ଇତ୍ୟାଦି ନଷ୍ଟ ହୋଇଥାଏ। ଗଛପଡି, ରାସ୍ତା ଭୁଶୁଡି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥାଏ। ଏହାର ମୁକାବିଲା କରିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ସମସ୍ତ ଡିଭିଜନରେ କଣ୍ଟ୍ରୋଲ ରୁମ ସହିତ ଆବଶ୍ୟକ ମରାମତି ସାମଗ୍ରୀ ମହଜୁଦ ରଖାଯାଇଛି। ଏଥିପାଇଁ ଅତିରିକ୍ତ ଚିଫ୍ ଇଞ୍ଜିନିୟର ଜ୍ୟୋତିରଞ୍ଜନ ଶତପଥୀଙ୍କ ନୋଡାଲ ଅଫିସର ଏବଂ ହୃଦାନନ୍ଦ ପଣ୍ଡାଙ୍କୁ ସହକାରୀ ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ଏହାବାଦ ଅଧୀକ୍ଷଣ ଯନ୍ତ୍ରୀ ସୁନୀଲ କୁମାର ପାଢୀ ଓ ପ୍ରିୟୁଷ ଷଡ଼ଙ୍ଗୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିପୁରାରି ସାହୁ, ସହକାରୀ ଯନ୍ତ୍ରୀ ଲୋକନାଥ ପ୍ରସାଦ ପଲେଇ, କନିଷ୍ଠ ଯନ୍ତ୍ରୀ ରଞ୍ଜିତ କୁମାର ସାହୁ ଓ ସେକ ଅଜିଉଦ୍ଦିନଙ୍କୁ ଡିଜାଷ୍ଟର ମିଟିଗେଶନ ସେଲରେ ରଖାଯାଇଛି।

ଯାଜପୁର ରୋଡ଼ ଟାଟା ପାୱାର ଡିଭିଜନ ପକ୍ଷରୁ ସହରାଞ୍ଚଳର ବିଦ୍ୟୁତ ସରବରାହ ବାତ୍ୟା ସରିବାର ୬ ରୁ ୭ ଘଣ୍ଟା ମଧ୍ୟରେ ସ୍ୱାଭାବିକ କରିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ୧୦ ଜଣ ଠିକାଦାରଙ୍କ ଜରିଆରେ ଆବଶ୍ୟକ ମାନବ ସମ୍ବଳ ରଖାଯାଇଛି। ପ୍ରତ୍ୟେକ ଗାଡ଼ିରେ ୧୦ ଜଣ ଲେଖାଏଁ ମାନବ ସମ୍ବଳ ରହି କାର୍ଯ୍ୟ କରିବେ। ଏହାବାଦ ଗ୍ରାମାଞ୍ଚଳର ବିଦ୍ୟୁତ ସରବରାହକୁ ସ୍ୱାଭାବିକ କରିବାକୁ ପ୍ରତ୍ୟେକ ଗାଡ଼ିରେ ୧୦ ଜଣ ଲେଖାଏଁ ମାନବ ସମ୍ବଳ ବ୍ୟବସ୍ଥା ହୋଇଛି। ସେମାନେ ୩ ଦିନ ପର୍ଯ୍ୟନ୍ତ ଘରକୁ ଯିବେ ନାହିଁ। ସେମାନଙ୍କ ରହିବା, ଖାଦ୍ୟ ଇତ୍ୟାଦି ବ୍ୟବସ୍ଥା କରାଯାଇଛି ବୋଲି ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି। ସେହିପରି ଯାଜପୁର ଡିଭିଜନ ପକ୍ଷରୁ ୧୦ଟି ସେକ୍ସନରେ ୫୦ ଜଣ ଲେଖାଏଁ ସମୁଦାୟ ୫୦୦ ଜଣ ମାନବ ସମ୍ବଳ ପ୍ରସ୍ତୁତ କରି ଆବଶ୍ୟକ ସାମଗ୍ରୀ ରଖାଯାଇଛି। ପ୍ରଥମେ ଜରୁରୀକାଳୀନ ବିଭାଗଗୁଡ଼ିକ ଉପରେ ଦୃଷ୍ଟି ଦେଇ ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ଅଞ୍ଚଳକୁ ବିଦ୍ୟୁତ ସରବରାହ ସ୍ୱାଭାବିକ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଦୀପକ ବେହେରା କହିଛନ୍ତି।

# ବାତ୍ୟା ମୁକାବିଲାର ସମୀକ୍ଷାକଲେ ଜିଲାପାଳ

**ନୟାଗଡ଼,୨୩।୧୦(ଲୋକନାଥ ମିଶ୍ର)**



ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ବସିଥିବା ସମୀକ୍ଷା ବୈଠକ।

■ନୟାଗଡ଼ରେ ପହଞ୍ଚିଲା ୩ ଟ୍ରକ୍ ଆଳୁ
■ମଧ୍ୟାହ୍ନ ସୁଦ୍ଧା ଲୋକମାନଙ୍କୁ କରାଯିବ ସ୍ଥାନାନ୍ତର

ବୁଧବାର ସନ୍ଧ୍ୟାରେ ବାତ୍ୟା 'ଦାନା' ଉପରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଜିଲାପାଳମାନଙ୍କ ସହିତ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ କରିବା ପରେ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲା ଜିଲାସ୍ତରୀୟ ସମୀକ୍ଷା ବୈଠକ କରାଇଛନ୍ତି। ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ୧୦୦ କୁଇଣ୍ଟାଲ ଚୁଡ଼ା, ଆବଶ୍ୟକୀୟ ଗୁଡ଼ ବାତ୍ୟା ପ୍ରବଣ ଅଞ୍ଚଳକୁ ପଠାଯାଇଛି। ଭଦ୍ରକ ଜିଲାକୁ ୧ ଟ୍ରକ୍ ଚୁଡ଼ା ପଠାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଜିଲାରେ ଆଳୁର ଅଭାବକୁ ଏଡାଇବା ପାଇଁ ୩ ଟ୍ରକ୍ ଆଳୁ ଆସି ପହଞ୍ଚିଛି ବୋଲି ଜିଲାପାଳ କହିଛନ୍ତି। ତେବେ ଆଳୁ କେଜି କେତେ ଟଙ୍କାରେ ବିକ୍ରି ହେବ ସେନେଇ ଆଲୋଚନା ହୋଇ ନାହିଁ। ସମସ୍ତ ବ୍ଲକରେ ଜରୁରୀକାଳୀନ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ବ୍ଲକକୁ ଗୋଟିଏ ଲେଖାଏ ଅଗ୍ନିଶମ ଟିମ୍ ପଠାଯାଇଛି ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ। ବାତ୍ୟା ପ୍ରବଣ ଅଞ୍ଚଳରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇ ଲୋକମାନଙ୍କୁ ଗୁରୁବାର ମଧ୍ୟାହ୍ନ ସୁଦ୍ଧା ୧୭ଟି ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ନ ପ୍ରସବା ମହିଳାମାନଙ୍କୁ ଆନୁଷ୍ଠାନିକ ପ୍ରସବ ନିମନ୍ତେ ଡାକ୍ତରଖାନାରେ ନେଇ ରଖିବା , ବୃଦ୍ଧାବୃଦ୍ଧ ଛୋଟପିଲା ଓ ଶିଶୁମାନଙ୍କୁ ବାତ୍ୟା ଆଶ୍ରୟ ସ୍ଥଳକୁ ନେବା ଉପରେ ଜିଲାପାଳ ଗୁରୁତ୍ୱଆରୋପ କରିଥିଲେ। ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳୀରେ ରନ୍ଧା ଖାଦ୍ୟ ଦିଆଯିବା ସହ ପାନୀୟ ଜଳ, ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ବାତ୍ୟା ପ୍ରବଣ ଅଞ୍ଚଳରୁ ପ୍ରାଣୀ ସମ୍ପଦମାନଙ୍କୁ ସ୍ଥାନାନ୍ତର କରାଯାଇ ବାତ୍ୟା ଆଶ୍ରୟ ସ୍ଥଳୀ ନିକଟରେ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ଅନୁରୂପ ନିର୍ଦ୍ଦେଶ ଅଛି। ନୟାଗଡ଼ ଜିଲାର ରଣପୁର ବ୍ଲକର ୫ଟି ପଞ୍ଚାୟତ ଅତ୍ୟନ୍ତ ବାତ୍ୟା ପ୍ରବଣ ଅଞ୍ଚଳ ହୋଇଥିବାରୁ ସେଠାରୁ ଜନସାଧାରଣ ଏବଂ ପ୍ରାଣୀସମ୍ପଦ ସ୍ଥାନାନ୍ତର କରିବା ପାଇଁ ଜିଲାପାଳ ଗୁରୁତ୍ୱଆରୋପ କରିଥିଲେ। ରଣପୁର ବିଡିଓଙ୍କ ସହିତ ଏ ବିଷୟରେ ଫୋନରେ ସିଧା କଥା ହୋଇଥିଲେ। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ସହ ଜିଲାର ବରିଷ୍ଠ ଅଧିକାରମାନେ ଉପସ୍ଥିତ ଥିଲେ।

# ନବତରୁଣ ବିଦ୍ୟାର୍ଥୀଙ୍କ ସ୍ୱାଗତ ଉତ୍ସବ ସ୍ୱୀକୃତି-୨୦୨୪

**ଗଣିଆ,୨୩।୧୦(ସନ୍ତୋଷ କୁମାର ପ୍ରଧାନ)**

ଗଣିଆ ବ୍ଲକର ଡ. ରାମଚନ୍ଦ୍ର ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ବୁଧବାର ନବତରୁଣ ବିଦ୍ୟାର୍ଥୀଙ୍କ ସ୍ୱାଗତ ଉତ୍ସବ ସ୍ୱୀକୃତି-୨୦୨୪ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମଳୟ ରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣିଆ ବିଡିଓ ଡ. ବେବିତା ମଞ୍ଜରୀ ନାୟକ, ମୁଖ୍ୟବକ୍ତା ଡାକ୍ତର ରଜତ କୁମାର ପଣ୍ଡା, ସମ୍ମାନୀତ ଅତିଥି ଗଣିଆ ତହସିଲଦାର ପ୍ରୀତିବାଳା ରଣା, ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟାପକ ଝାଡ଼େଶ୍ୱର ପାଣିଗ୍ରାହୀ, ପରିଚାଳନା କମିଟି ସଭାପତି କବି ଚନ୍ଦ୍ର ସାମନ୍ତରାୟ, ସମ୍ପାଦକ ଡ. ଏଲଡାଡ କାଇଣ୍ଡ ସେଥ୍, ମହାବିଦ୍ୟାଳୟ ଉପାଧକ୍ଷ ଉମାକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଶଙ୍ଖଧ୍ୱନୀ ଓ ବେଦମନ୍ତ୍ରରେ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଚଳିତ ବର୍ଷ ନୂତନ ଭାବେ ଯୁକ୍ତ ୨ କଳା ଓ ବିଜ୍ଞାନ ସହ ଯୁକ୍ତ ୩ ବିଜ୍ଞାନର ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା। ଅଧ୍ୟାପକ ଜିତେନ କୁମାର ପାଣିଗ୍ରାହୀ ଉତ୍ସବ ପରିଚାଳନା କରିଥିଲେ।



ସ୍ୱାଗତ ଉତ୍ସବରେ ଯୋଗଦେଇଥିବା ଅତିଥି।

# ବାତ୍ୟା ମୁକାବିଲା ପାଇଁ ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନର ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି।

**ଖଣ୍ଡପଡା,୨୩।୧୦(ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ସାମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ନେଇ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଏକ ପ୍ରସ୍ତୁତି ବୈଠକ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ବ୍ଲକ ଅଧୀନ ୨୨ ପଞ୍ଚାୟତର ଜନପ୍ରତିନିଧି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ବାତ୍ୟାର ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବ୍ଲକ ଉନ୍ନୟନ ଅଧିକାରୀ ଅଭିଳାଷ ଓ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡସେଟ ସବିଶେଷ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ପଞ୍ଚାୟତରେ ବାତ୍ୟ ଆଶ୍ରୟସ୍ଥଳୀଗୁଡିକ ପ୍ରସ୍ତୁତ ଥିବା ବେଳେ ବିପଦ ଆପଦ ସମୟରେ ସେଠାରେ ଜନସାଧାରଣଙ୍କ ରହିବା ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ସେହିପରି ପରିସ୍ଥିତିର ସଫଳ ମୁକାବିଲା ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ସଜାଗ ରହିବାକୁ ବ୍ଲକ ଉନ୍ନୟନ ଅଧିକାରୀ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ସମୟରେ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣ, ତ୍ୱରିତ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଝାଟିମାଟି ଚାଳ ଛପର ଓ କଚ୍ଚା ଘରେ ବାସ କରୁଥିବା ଜନସାଧାରଣ କିଭଳି ସୁରକ୍ଷିତ ଅବସ୍ଥାରେ ବାତ୍ୟା ଆଶ୍ରୟସ୍ଥଳ, ବିଦ୍ୟାଳୟ ଶ୍ରେଣୀଗୃହରେ ଆଶ୍ରୟ ନେଇ ପାରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ବ୍ଲକ୍ ପକ୍ଷରୁ ଖୋଲାଯାଇଥିବା କଣ୍ଟ୍ରୋଲ ରୁମ ସହ ସମସ୍ତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ସଦାସର୍ବଦା ଯୋଗାଯୋଗରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବାତ୍ୟାର ସଫଳ ମୁକାବିଲା ନେଇ ବ୍ଲକ ଉନ୍ନୟନ ଅଧିକାରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଶତପଥୀ ଲାୟନ୍ସ ବିଜୟୀ

## ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣାମେଣ୍ଟ

**ଖଣ୍ଡପଡ଼ା,୨୩।୧୦ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ସାଇକୃପା କେପିଏଲ୍ କମିଟି ପକ୍ଷରୁ ଗତ ରବିବାରଠାରୁ ସ୍ଥାନୀୟ ପଲଟନ ପଡିଆରେ ଆରମ୍ଭ ହୋଇଥିବା ୪ର୍ଥ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଥିଲା ୪ର୍ଥ ଦିବସ ଦିବସ ମ୍ୟାଚ୍। ପ୍ରଥମ ପର୍ଯ୍ୟାୟରେ ଶତପଥୀ ଲାୟନସ ଦଳ ୧୬ ରନରେ ରାଜୁ ସୁପରଷ୍ଟ୍ରାଇକରଙ୍କୁ ହରାଇ ବିଜୟୀ ହୋଇଛି। ପ୍ରଥମେ ଶତପଥୀ ଲାୟନଓ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୫ ଓଭରରେ ୭ଉଇକେଟ ବିନିମୟରେ ୧୬୭ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ରାଜୁ ସୁପରଷ୍ଟ୍ରାଇକର ୧୫ ଓଭରରେ ୨ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ରାକେଶ ସାମଲ ୨ଟି ଛକା ଓ ୪ଟି ଚଉକା ସହାୟତାରେ ୨୧ ବଲରେ ୪୯ ରନ ସଂଗ୍ରହ କରି ଆଜିର ଖେଳରେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଅଶୋକ କୁମାର ବାରିକ ଓ ଶେଷଦେବ ନାୟକ ପରିଚାଳନା କରିଥିଲେ। ସ୍କୋରର ଭାବେ ଗୌରାଙ୍ଗ ଚରଣ ସେଠୀ ଦାୟିତ୍ୱ ତୁଲାଇଥିଲେ।

ଦ୍ୱିତୀୟାର୍ଦ୍ଧ ମ୍ୟାଚରେ ଥଣ୍ଡର ବାଲୁଙ୍କେଶ୍ୱର ଓ ଦିପୁ କିଙ୍ଗସ ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମେ ଦିପୁ କିଙ୍ଗସ ଟସ ଜିଣି ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୪ ଓଭରରେ ୮ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ଜବାବରେ ଥଣ୍ଡର ବାଲୁଙ୍କେଶ୍ୱର ଦଳ ୧୦.୩ ଓଭରରେ ୨ଉଇକେଟ ବିନିମୟରେ ୧୧୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ରାକେଶ ମୁକୁଟ ୨୪ ବଲରେ ୫୫ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଖେଳକୁ ଅଶୋକ କୁମାର ବାରିକ ଓ ବିକାଶ ସାହୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଦେବରାଜ ସେଠୀ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ଗୁରୁରାଜା ସୁପରଷ୍ଟ୍ରାଇକର ଓ ବିକାଶ ୱାରିୟର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅଶୋକ କିଙ୍ଗସ ଓ ଦିପୁ କିଙ୍ଗସ ମଧ୍ୟରେ ମୁକାବିଲା ହେବ ବୋଲି ପରିଚାଳକ ସରୋଜ କୁମାର ମହାରଣାଙ୍କ ଠାରୁ ପ୍ରକାଶ।


ପ୍ରିମିୟର ଲିଗ୍‌ର ଚତୁର୍ଥ ଦିବସ ମ୍ୟାଚ୍‌ରେ ଯୋଗଦେଇଥିବା ଅତିଥି।

# ଜଗନ୍ନାଥ ମନ୍ଦିର ପରିସରରୁ ଅଳିଆ, ଆବର୍ଜନା ଉଠିଲା

**ଖଣ୍ଡପଡ଼ା,୨୩।୧୦(ଅଜୟ କୁମାର ମହାରଣା)**



କାର୍ତ୍ତିକ ମାସ ପାଇଁ ପ୍ରତ୍ୟେହ ସକାଳୁ ଶ୍ରଦ୍ଧାଳୁଙ୍କ ସମେତ ହବିଷିଆଳିମାନେ ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିରକୁ ଦର୍ଶନ ପାଇଁ ଆସୁଛନ୍ତି। ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିସରରେ ଅନାବନା ଗଛ ଲତା ଉଠିଥିବା ଯୋଗୁ ମନ୍ଦିରକୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ଯୁବକ ସଂଘର ୨୫ ସଦସ୍ୟ ବୁଧବାର ମନ୍ଦିର ପରିସରରୁ ଅନାବନା ଗଛଲତା ସଫା କରିଛନ୍ତି। ଯୁବକ ସଂଘର ବରିଷ୍ଠ ସଦସ୍ୟ ମହେନ୍ଦ୍ର କୁମାର ବାରିକ, ସୁଶାନ୍ତ କୁମାର ମହାରଣାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଂଘର ସଦସ୍ୟ ମାନେ ମନ୍ଦିର ପରିସରକୁ ସଫା କରିବା ପରେ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ଯୁବକ ସଂଘର ଏହି ମହତ କାର୍ଯ୍ୟକୁ ବୁଦ୍ଧିଜୀବି ମହଲରୁ ପ୍ରଶଂସା କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କେଦାରନାଥ


@ ରମେଶ


@ ଶିବସୁନ୍ଦର


@ ତୋଫାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାପ ଧରାଳିଙ୍କ ସ୍ମୃତିସଭା

**ନୟାଗଡ଼,୨୩।୧୦(ଲୋକନାଥ ମିଶ୍ର)**

ନୟାଗଡ଼ ସହର ଏବଂ ଆଖପାଖ ଅଞ୍ଚଳରେ ସାପ ଧରାଳି ଭାବେ ପରିଚିତ ଅଧିକାରୀ ବେହେରାଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର କଲୋନୀ କଲ୍ୟାଣୀ ମଣ୍ଡପରେ ମଙ୍ଗଳବାର ଆୟୋଜିତ ସ୍ମୃତିସଭାରେ ବହୁ ସାପ ଧରାଳି ଓ ବୁଦ୍ଧିଜୀବୀ ଯୋଗଦେଇ ଅଧିକାରୀଙ୍କ ୨୦ବର୍ଷର ସାପ ଧରା କାମ ଉପରେ ମତବ୍ୟକ୍ତ କରିଥିଲେ। ତାଙ୍କ ପରିବାରକୁ ୬ଲକ୍ଷ ଟଙ୍କା ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସଭାରେ ବହୁମତ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୧୮ରେ ବନ କର୍ମଚାରୀମାନେ ଏକ ଅହିରାଜ ସାପ ଧରିବା ପାଇଁ ଅଧିକାରୀଙ୍କୁ ଡାକି ନେଇଥିଲେ। ସାପ ଧରିବା ସମୟରେ ସାପଟି ତାଙ୍କ ଡାହାଣ ଜଙ୍ଘକୁ କାମୁଡି ଦେଇଥିଲା। ଯଦିଓ ଅଧିକାରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା କିନ୍ତୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରି ନ ଥିଲେ। ଅକ୍ଟୋବର ୧୧ରେ ତାଙ୍କର ପରଲୋକ ଘଟିଥିଲା। ଏହି ସଭାରେ ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୂପମା ଖଟେଇ, ଜିଲା କଂଗ୍ରେସ ସଭାପତି ରଣଜିତ ଦାସ, ଭାଜପା ନେତା ସନ୍ତୋଷ ପ୍ରଧାନ, ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲିକ, ନୟାଗଡ଼ ବନଖଣ୍ଡର ବରିଷ୍ଠ ଅଧିକାରୀ ହିମାଂଶୁ ମୁଦୁଲି, ସତ୍ୟଜିତ କର ଏବଂ ସାମାଜିକ କର୍ମୀ କମଳକାନ୍ତ ନାୟକ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

# ଆଲୋଚନାରେ ସୀମିତ ବିକାଶ, ରୋଗୀ ସେବା

**ଗଣିଆ,୨୩।୧୦ (ସନ୍ତୋଷ କୁମାର ପ୍ରଧାନ)**

■ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତି ବୈଠକ
■୨ବର୍ଷ ହେଲା ବୋର୍‌ୱେଲ ଓ ହାଇମାସ୍କ ଲାଇଟ୍ ପାଇଁ କେବଳ ପ୍ରତିଶ୍ରୁତି

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଅନେକ ଅନୁଦାନ ସହ ଆବଶ୍ୟକ ସ୍ୱାସ୍ଥ୍ୟସେବା ସମ୍ପର୍କୀତ ସାମଗ୍ରୀ ଯୋଗାଇ ଦେଉଛନ୍ତି। ଏଥିପାଇଁ ପ୍ରତିବର୍ଷ ଜନ ଆରୋଗ୍ୟ ସମିତି ବୈଠକ ଆୟୋଜନ କରାଯାଇ ବ୍ୟୟ ଅଟକଳ ସହ ଖର୍ଚ୍ଚ ହିସାବ କରାଯାଉଛି। ହେଲେ ଏହି ବୈଠକ କେବଳ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ନିର୍ବାଚିତ ଜନ ପ୍ରତିନିଧି ଓ କେତେକ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଲୋଚନା କରାଯାଇ ସୀମିତ ରହୁଛି ବୋଲି ଅଭିଯୋଗ ହେଉଛି।

ଗଣିଆ ବ୍ଲକ ଛାମୁଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ପୂର୍ବାହ୍ନରେ ଗଣିଆ ଜିଲା ପରିଷଦ ସଭ୍ୟ ନରେଶ ବେହେରାଙ୍କ ଅଧ୍ୟକ୍ଷତାରେ ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଛାମୁଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ରାଜେନ୍ଦ୍ର ପ୍ରସାଦ ଦଳେଇ, ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ଡା. ମଧୁସୂଦନ ଦାସ, ଡା.ବିଦ୍ୟୁଲତା ଦାଶ, ଫାର୍ମାସୀ ଅଫିସର ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାନୀୟ ଜଳ ପାଇଁ ଏକ ବୋରୱେଲ ଖୋଳାଯିବା ସହ ହାଇମାସ୍କ ଲାଇଟ୍ ଲଗାଇବା ଲାଗି ଗତ ୨ବର୍ଷ ହେବ ଆଲୋଚନା ହୋଇଥିଲେ ମଧ୍ୟ ଏହାର ଅଗ୍ରଗତି ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ବୈଠକର ଅଧ୍ୟକ୍ଷ ଜିଲା ପରିଷଦ ସଭ୍ୟ ବିଗତ ବର୍ଷ ଗୁଡିକ ପରି ଚଳିତ ବର୍ଷ ମଧ୍ୟ ବୋରୱେଲ ଓ ହାଇମାସ୍କ ଲାଇଟ୍ ପାଇଁ ଜିଲା ପରିଷଦ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଗୋଟିଏ ମାତ୍ର ଫାଟକ ଦେଇ ଦେଇ ରୋଗୀଙ୍କ ସମେତ ୧୦୮ ଆମ୍ବୁଲାନ୍ସ ଯାତାୟତ କରୁଛି। ଏଥିପାଇଁ ନାନା ସମସ୍ୟା ଦେଖାଦେଉଛି। ସେଥିପାଇଁ ଦ୍ୱିତୀୟ ଫାଟକ ବ୍ୟବସ୍ଥା କରିବାକୁ ମତ ପ୍ରକାଶ ପାଇଥିଲା। ସେହିପରି ରୋଗୀଙ୍କ ପାଇଁ ବିଶ୍ରାମସ୍ଥଳ , ବିଶୁଦ୍ଧ ପାନୀୟ ଜଳ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୨ଲକ୍ଷ ୯୩ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ୧୩ କିମି. ଦୂରରେ ଥିବା ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଦିବାସୀ ପ୍ରବଣ ଛାମୁଣ୍ଡିଆ ଓ ବଡଶିଲିଙ୍ଗା ପଚାଞ୍ଚାତର ଜନସାଧାରଣ ନିର୍ଭର କରିଥାଆନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଡାକ୍ତରଙ୍କ ପାଇଁ ଆବଶ୍ୟ କ୍ୱାର୍ଟର୍ସ ନ ଥିବାରୁ ନିଯୁକ୍ତି ପାଇଥିବା ୨ଜଣ ଡାକ୍ତର ଗଣିଆରେ ରହୁଛନ୍ତି। ରବିବାର ବ୍ୟତୀତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଖୋଲାରହୁଥିବା ବେଳେ ଅନ୍ୟ ସମୟରରେ ଲୋକେ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ଏପରି କି ୧୦୮ ଆମ୍ବୁଲାନ୍ସରେ କୌଣସି ଲୋକ ଗୁରୁତର ଅବସ୍ଥାରେ ଆସୁଥିଲେ ୧୨ଟା ପରେ ସେଠାରେ ଚିକିତ୍ସା ସେବା ପାଇ ପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ତେବେ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ସହ ଲୋକଙ୍କୁ ଦୈନିକ ୮ଘଣ୍ଟା ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି। ସେହିପରି ଆଡକଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲା ପରିଷଦ ସଭ୍ୟଙ୍କ ସଭାପତିତ୍ୱରେ ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡା. ସୁନୀଲ କୁମାର ଦଳେଇ ଓ ଫାର୍ମାସି ଅଫିସର ଦୀନବନ୍ଧୁ ପୃଷ୍ଟି ଉପସ୍ଥିତ ରହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପାନୀୟ ଜଳ, ସ୍ୱାସ୍ଥ୍ୟ ଉପକରଣ ଯୋଗାଇ ଦେବାକୁ କହିଥିଲେ।



ଜନ ଆରୋଗ୍ୟ ସମିତି ବୈଠକରେ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

